بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ବାର୍ଷିକ ଦେୟ: ୫୦୦/-

ସାପ୍ତାହିକ
# ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା 15

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

09 ଏପ୍ରିଲ୍ 2020    09 ଶାହାଦତ୍ 1399 ହି.ଶ    15 ଶାବାନ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ فِیۡ خَلۡقِ السَّمٰوٰتِ
وَالۡاَرۡضِ وَاخۡتِلَافِ الَّیۡلِ
وَالنَّہَارِ لَاٰیٰتٍ لِّاُولِی الۡاَلۡبَابِ ○

(آل عمران:191)

ଅନୁବାଦ- ବାସ୍ତବିକ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ କ୍ରମାନ୍ୱୟରେ ଦିନ ଓ ରାତିର ଆଗମନରେ ଜ୍ଞାନୀ ଲୋକମାନଙ୍କ ପାଇଁ ନିଦର୍ଶନ ରହିଅଛି । ।

*(ଆଲେ ଇମରାନ୍: ୧୯୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ:ବଂକୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ୱରଅ:ବଂଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ:ବଂଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

# ଯେବେ କୌଣସି ବ୍ୟକ୍ତି ଗୋଟିଏ ସିଲ୍‌ସିଲାରେ ସାମିଲ ହୋଇଥାଏ ଓ ସେହି ସିଲ୍‌ସିଲାର ମହିମା ଓ ସମ୍ମାନ ପ୍ରତି ଧ୍ୟାନ ରଖିନଥାଏ ଓ ତା ବିପରୀତ କର୍ମ କରିଥାଏ ସେତେବେଳେ ସେ ଅଲ୍ଲାଃଙ୍କ ନିକଟରେ ଦଣ୍ଡିତ ହୋଇଥାଏ

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀଙ୍କୁ ନିଜର ଏପରି ପରିବର୍ତିତ ଚରିତ୍ରକୁ ଦେଖାଇଥାଏ ଯେ ସେ ପୂର୍ବରୁ କିପରି ଥିଲା ଓ ଏବେ କିପରି ଅଛି, ସେ ବାସ୍ତବରେ ଏକ ଚମତ୍କାର ଦେଖାଇଥାଏ । ପଡ଼ୋଶୀ ଉପରେ ଏହାର ବହୁତ ଉଚ୍ଚସ୍ତରର ପ୍ରଭାବ ପଡ଼ିଥାଏ । ଆମ ଯମାତ୍ ଉପରେ ଆରୋପ ଲଗାଇଛନ୍ତି ଯେ ଆମେ ଜାଣିନାହୁଁ କଣ ଉନ୍ନତି ହୋଇଛି ଏବଂ ଏ ଦୋଷାରୋପଣ କରୁଛନ୍ତି ଯେ ମିଥ୍ୟାରୋପ ଓ କ୍ରୋଧରେ ଲିପ୍ତ ଅଛନ୍ତି । କଣ ଏହା ସେମାନଙ୍କ ପାଇଁ ଲଜ୍ଜାର କାରଣ ନୁହେଁ ଯେ ମଣିଷ ଉତମ ଭାବି ଏହି ସିଲ୍‌ସିଲାରେ ସାମିଲ୍ ହୋଇଥିଲା ଯେମିତି ଜଣେ ଯୋଗ୍ୟ ପୁତ୍ର ନିଜ ବାପାର ସୁନାମକୁ ପ୍ରକାଶ କରିଥାଏ, କାରଣ ବୟତ କରିବାବାଲା ପୁତ୍ର ସଦୃଶ ହୋଇଥାଏ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ପତ୍ନୀମାନଙ୍କୁ ମୋମିନ୍‌ମାନଙ୍କ ମାତା ରୂପେ ସମ୍ବୋଧନ କରାଯାଇଥାଏ । ଅର୍ଥାତ ହଜୁର ସ:ଆ:ସ ସମସ୍ତ ମୋମିନ୍‌ଙ୍କ ବାପା ଅଟନ୍ତି । ଜୈବିକ ବାପା ପୃଥିବୀକୁ ଆଣିବାର କାରଣ ହୋଇଥାଏ ଏବଂ ବାହ୍ୟ ଜୀବନର କାରଣ ହୋଇଥାଏ କିନ୍ତୁ ଆଧାତ୍ମିକ ବାପା ଆକାଶକୁ ନେଇ ଯାଇଥାଏ ଏବଂ ସେହି ଅସଲ କେନ୍ଦ୍ର ଆଡ଼କୁ ଫେରାଇ ନେଇଥାଏ । କଣ ଆପଣମାନେ ପସନ୍ଦ କରିବେ କି କୌଣସି ପୁତ୍ର ତା ବାପାକୁ ବଦ୍‌ନାମ କରୁ ? ବେଶ୍ୟାଳୟ ଯାଉ ଓ ଜୁଆ ଖେଳ ଖେଳୁ । ମଦ୍ୟପାନ କରୁ ଅଥବା ଏପରି କୁକର୍ମରେ ଲିପ୍ତ ରହୁ ଯାହା ତା ବାପାର ବଦନାମିର କାରଣ ହେଉଥିବ । ମୁଁ ଜାଣିଛି କୌଣସି ବ୍ୟକ୍ତି ଏପରି ହୋଇନପାରେ ଯିଏ ଏମିତି କାର୍ଯ୍ୟକୁ ପସନ୍ଦ କରୁଥିବ । କିନ୍ତୁ ଯଦି ସେହି ଅମାନ୍ୟକାରୀ ପୁତ୍ର ଏପରି କରେ ତେବେ ପୁଣି ଲୋକମାନଙ୍କ ମୁହଁ ବନ୍ଦ ହୋଇ ରହିପାରିବ ନାହିଁ । ଲୋକମାନେ ତା ବାପା ଆଡ଼କୁ ଆକ୍ଷେପ କରି କହିବେ ଯେ ଇଏ ହେଉଛି ଅମୁକ ଲୋକର ପୁଅ ଯିଏ ଅମୁକ ଅମୁକ କୁକର୍ମରେ ଲିପ୍ତ ରହିଛି । ତେଣୁ ସେହି ଅମାନ୍ୟକାରୀ ପୁଅ ନିଜେ ହିଁ ନିଜ ବାପାର ବଦନାମିର କାରଣ ହୋଇଥାଏ । ସେହିପରି ଯେବେ କୌଣସି ବ୍ୟକ୍ତି ଗୋଟିଏ ସିଲ୍‌ସିଲାରେ ସାମିଲ ହୋଇଥାଏ ଓ ସେହି ସିଲ୍‌ସିଲାର ମହିମା ଓ ସମ୍ମାନ ପ୍ରତି ଧ୍ୟାନ ରଖିନଥାଏ ଓ ତା ବିପରୀତ କର୍ମ କରିଥାଏ ସେତେବେଳେ ସେ ଅଲ୍ଲାଃଙ୍କ ନିକଟରେ ଦଣ୍ଡିତ ହୋଇଥାଏ କାରଣ ସେ କେବଳ ନିଜକୁ ହିଁ ଧ୍ୱଂସ ମୁହଁରେ ପକାଇନଥାଏ ବରଂ ଅନ୍ୟମାନଙ୍କ ପାଇଁ ଏକ ଖରାପ ନମୁନା ହୋଇ ସେମାନଙ୍କୁ ପୂଣ୍ୟ ଓ ସତ୍‌ପଥର ମାର୍ଗରୁ ବଂଚିତ ରଖିଥାଏ । ସୁତରାଂ ନିଜ ସାମର୍ଥ୍ୟ ମୁତାବକ ଖୁଦାତାଲାଙ୍କଠାରୁ ସାହାଯ୍ୟ ଭିକ୍ଷା କର ଓ ନିଜର ସମସ୍ତ ଶକ୍ତି ଓ ସାହସ ବିନିଯୋଗ କରି ନିଜର ଦୋଷ ଦୃବଳତାକୁ ଦୂର କରିବା ପାଇଁ ଚେଷ୍ଟା କର । ଯେଉଁଠି ଥକିଯିବ ସେଠାରେ ସତ୍ୟ ଓ ବିଶ୍ୱାସର ସହିତ ହାତ ଉଠାଅ କାରଣ ବିନମ୍ରତାର ସହିତ ଉଠାଯାଇଥିବା ହାତ ଯାହା ସତ୍ୟନିଷ୍ଠା ଓ ବିଶ୍ୱାସର ଆଲୋକରେ ଉଠିଥାଏ ତାହାକୁ ଫେରାଇ ଦିଆଯାଏନାହିଁ । ଆମେ ନିଜ ଅନୁଭୁତିରୁ କହୁଛୁ ଯେ ଆମର ହଜାର ହଜାର ଦୁଆ କୁବୁଲ୍ (ଗ୍ରହଣୀୟ) ହୋଇଛି ଓ ହେଉଅଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୬ ପ୍ରକାଶନ୨୦୧୮ କାଦିୟାନ)*

## ଜରୁରୀ ଘୋଷଣା

### ହଜୁର ଅନତ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନତ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନତ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

**ସର୍ବଦା ଏକଥା ମନେରଖିବା ଉଚିତ ଯେ ପ୍ରତ୍ୟେକ ଅହେମଦୀଙ୍କ ଚେହେରା ପଛରେ ଅହେମଦୀୟତ୍‌ର, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଇସ୍‌ଲାମ୍‌ର ଇଜ୍ଜତ ରହିଛି ।**

## ୫୦ ତମ ଜଲ୍‌ସା ସାଲାନା ତନ୍‌ଜାନିୟା ଅନୁଷ୍ଠିତ ୨୫ ରୁ ୨୯ ସେପ୍ଟେମ୍ବର ୨୦୧୯ ଅବସରରେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା

**ଯମାତ ଅହେମଦୀୟା ତାନ୍‌ଜାନିୟାର ପ୍ରୀୟ ସଦସ୍ୟଗଣ ।**

**ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ ।**

ମୁଁ ଏହା ଜାଣି ବହୁତ ଖୁସି ହେଲି ଯେ, ଆପଣମାନେ ୨୭, ୨୮ ଏବଂ ୨୯ ସେପ୍ଟେମ୍ବର ୨୦୧୯ ନିଜର ଜଲ୍‌ସା ସାଲାନା ଅନୁଷ୍ଠିତ କରୁଅଛ । ମୋର ଏ ଦୁଆ ଯେ ଅଲ୍ଲାଃ ତାଲା ଆପଣମାନଙ୍କର ଏହି ଜଲ୍‌ସାକୁ ମହାନ୍ ସଫଳତା ପ୍ରଦାନ କରନ୍ତୁ । ଜଲ୍‌ସାରେ ଯୋଗଦେଇଥିବା ସମସ୍ତ ଲୋକମାନେ ଆଧ୍ୟାତ୍ମିକ ବର୍‌କାତରୁ ଭାଗ ପାଆନ୍ତୁ ଏବଂ ଆପଣମାନେ ସମସ୍ତେ ପୂଣ୍ୟ, ନିଷ୍ଠା ଏବଂ ଧର୍ମପରାୟଣତାରେ ଉନ୍ନତି କରି ଚାଲନ୍ତୁ । ଆମିନ୍ ।

ହଜ୍‌ରତ୍ ମସିହ୍ ମଉଦ୍ ଆ :ସଙ୍କ ବୟତରେ ସାମିଲ ହେବା ପରେ ଅଲ୍ଲାଃ ତାଲା ଯେଉଁ ପୁରସ୍କାର ଓ ବର୍‌କାତ୍ ଆମକୁ ପ୍ରଦାନ କରିଛନ୍ତି ସେଥିମଧ୍ୟରୁ ଏକ ମହାନ୍ ପୁରସ୍କାର ହେଉଛି ଏହି ସମ୍ମିଳନୀ ଯାହାକୁ ଆମେ ଜଲ୍‌ସା ସାଲାନା କହିଥାଉଁ, ଏହି ସମ୍ମିଳନୀରୁ ଆମକୁ ନିଜର ଆଧ୍ୟାତ୍ମିକ ଓ ଚାରିତ୍ରିକ ସ୍ତରକୁ ଉଚ୍ଚା କରିବା, ନିଜ ହୃଦୟକୁ ସଫା କରିବା, ନିଜ ଜ୍ଞାନକୁ ବଢ଼ାଇବା ଏବଂ ଏହିପରି ଅଲ୍ଲାଃଙ୍କ ଅଧିକାର ଓ ଲୋକମାନଙ୍କ ଅଧିକାରକୁ ପ୍ରଦାନ କରିବାପାଇଁ ଏକ ଉତମ ଅବସର ମିଳିଥାଏ ଯଦ୍ୱାରା ଆମେ ଧର୍ମପରାୟଣତାରେ ଉନ୍ନତି କରିଥାଉଁ ।

ଏହି ତିନିଦିନ ଆମେ ସାଂସାରିକ ମାୟାମୋହକୁ ସମ୍ପୁର୍ଣ୍ଣରୂପେ ପରିତ୍ୟାଗ କରି ଖୁଦାତାଲା ଓ ତାହାଙ୍କ ରସୁଲ୍ ସ :ଆ :ସଙ୍କ ପ୍ରେମକୁ ଅଗ୍ରାଧିକାର ଦେବାକୁ ହେବ ଏବଂ ନିଜର ସୃଷ୍ଟିକର୍ତାଙ୍କୁ ପାଇବାପାଇଁ ଚେଷ୍ଟା କରିବାକୁ ହେବ । ତେଣୁ ଜଲ୍‌ସାରେ ସାମିଲ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି, ସେ ମହିଳା ହୁଅନ୍ତୁ ବା ପୁରୁଷ, ଏକଥା ମନେ ରଖନ୍ତୁ ଯେ ଜଲ୍‌ସାର ଉଦ୍ଦେଶ୍ୟ ହେଉଛି ଅଲ୍ଲାଃଙ୍କ ସାନ୍ନିଧ ପ୍ରାପ୍ତ କରିବା । ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ଜଲ୍‌ସାରେ ସାମିଲ ହେବାକୁ ନିୟତ ରହିବା ଉଚିତ । ଆପଣମାନେ ଜଲ୍‌ସାରେ ସାମିଲ୍ ହୋଇ ତକ୍‌ୱା (ଧର୍ମ ପରାୟଣତା)ରେ ଉନ୍ନତି କରିବାକୁ ଚେଷ୍ଟା କରନ୍ତୁ । ଉତମ ଚରିତ୍ରକୁ ପ୍ରକାଶ କରି ଅନ୍ୟମାନଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଯଦି ଏପରି ମନୋଭାବ ନାହିଁ, ତେବେ ଜଲ୍‌ସାରେ ସାମିଲ ହେବା ସମ୍ପୁର୍ଣ୍ଣ ରୂପେ ନିରର୍ଥକ ହେବ ।

ଅଲ୍ଲାଃଙ୍କ କୃପା ଓ ଦୟା ବଳରୁ ଅହେମଦୀମାନଙ୍କୁ ପୂଣ୍ୟ ଆଚରଣ କରିବା ପାଇଁ ଓ ଉଚିତ କର୍ମ କରିବାପାଇଁ ଧ୍ୟାନ ଆକର୍ଷଣ କରିବା ନିମନ୍ତେ ପୃଥିବୀର କୋଣ ଅନୁକୋଣରେ ଆମ ଜଲ୍‌ସା ଅନୁଷ୍ଠିତ ହେଉଅଛି । ଏକ ବିଶେଷ ଆଧ୍ୟାତ୍ମିକ ମାହୋଲ ଆମମାନଙ୍କ ପାଇଁ ସୃଷ୍ଟି କରାଯାଉଅଛି ଯଦ୍ୱାରା ଆମର ପ୍ରତ୍ୟେକ କାର୍ଯ୍ୟରୁ ଖୁଦାତାଲାଙ୍କ ପ୍ରସନ୍ନତା ଜାହିର୍ ହେଉ । ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ :ସ ଏକଦା କହିଛନ୍ତି; ମନେରଖ ଯେ ଅଲ୍ଲାଃଙ୍କର ବିଶେଷ ଭକ୍ତ କେବଳ ସେହି ଲୋକମାନେ ଅଟନ୍ତି ଯାହାଙ୍କ ସମ୍ବନ୍ଧରେ ସେ ସ୍ୱୟଂ କହୁଛନ୍ତି : **ଲା ତୁଲ୍‌ହିହିମ୍ ତିଜାରତୁଉଁ ୱଲା ବଇଉନ୍ ଅନ୍ ଜିକ୍‌ରିଲ୍ଲାହି** (ନୂର : ୩୮) ନା ବାଣିଜ୍ୟ ବ୍ୟବସାୟ ଓ ନା କ୍ରୟବିକ୍ରୟ ସେମାନଙ୍କୁ ଅଲ୍ଲାଃଙ୍କ ସ୍ମରଣରୁ ଅମନୋଯୋଗୀ କରିପାରେ ନାହିଁ । ତେଣୁ ଅଲ୍ଲାଃଙ୍କୁ ଖୁବ୍ ସ୍ମରଣ କର ଜଲ୍‌ସାର କାର୍ଯ୍ୟକ୍ରମ ସମୟରେ, ବିରାମ ସମୟରେ ଏବଂ ରାତିବେଳା ଦୁଆ କର । ଏକ ଦୃଢ଼ ସଂକଳ୍ପ କର ଯେ ‘‘ହେ ଅଲ୍ଲାଃ ଆମେ ସଦିଚ୍ଛାର ସହିତ ଏହି ଜଲ୍‌ସାରେ ସାମିଲ ହୋଇଅଛୁ, ଯାହା ତୁମର ବିଶେଷ ସାହାଯ୍ୟ ଓ ବିଶେଷ ଇଚ୍ଛା ଅନୁସାରେ ପ୍ରତିଷ୍ଠା ହୋଇଛି । ଆମେ ତୁମର ପ୍ରସନ୍ନତା ହାସଲ କରିବାପାଇଁ, ବହୁଳଭାବେ ତୁମକୁ ସ୍ମରଣ କରିବାପାଇଁ ଏବଂ ତୁମର ସାନ୍ନିଧ ହାସଲ କରିବାପାଇଁ ଏହି ଜଲ୍‌ସାରେ ସାମିଲ ହୋଇଅଛୁ । ଆମକୁ ଏହି ସମସ୍ତ ବର୍‌କତ୍‌ରୁ ଅଂଶିଦାର ବନାଅ ଯାହା ତୁମେ ଏହି ଜଲ୍‌ସା ସହିତ ଯୋଡ଼ି କରି ରଖିଛ । ଆମ ମଧ୍ୟରେ ସେହି ପବିତ୍ର ପରିବର୍ତନ ସୃଷ୍ଟି କରାଓ ଯାହା ତୁମେ ଚାହୁଁଅଛ । ଯାହାପାଇଁ ତୁମେ ହଜ୍‌ରତ୍ ରସୁଲେ କରିମ୍ ସ :ଆ :ସଙ୍କ ସଚ୍ଚା ପ୍ରେମୀକୁ ଏହି ଦୁନିଆକୁ ପଠାଇଅଛ ଯଦ୍ୱାରା ଆମେ ନିର୍ମଳ ହୃଦୟ ସହିତ ତାଙ୍କ ବୟତର ବନ୍ଧନରେ ସାମିଲ ହୋଇ ପାରିବୁ ।’’

ଏହି ତିନିଦିନର ଜଲ୍‌ସା ପରେ ଆପଣମାନଙ୍କୁ ସାଂସାରିକ କର୍ମ କରିବାପାଇଁ ଲେଉଟି ଯିବାକୁ ହେବ । କିନ୍ତୁ ଏ ଜଲ୍‌ସାରେ ସାମିଲ ହେବା ଆପଣମାନଙ୍କୁ ସେତେବେଳେ ଲାଭ ଦେଇପାରିବ ଯେବେ ତୁମେମାନେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇ ଚାଲିବ । ପ୍ରତି କ୍ଷେତ୍ରରେ ଧର୍ମକୁ ଅଗ୍ରାଧିକାର ଦେବାକୁ ହେବ ଏବଂ ସର୍ବଦା ଏହା ମନେରଖିବାକୁ ହେବ ଯେ ପ୍ରତ୍ୟେକ ଅହେମଦୀର ଚେହେରା ପଛରେ ଅହମଦୀୟତ, ହଜ୍‌ରତ୍ ମସିହ୍ ମଉଦ୍ ଆ :ସ ଏବଂ ଇସ୍‌ଲାମ୍‌ର ଇଜ୍ଜତ ନିହିତ ରହିଛି ।

ଅଲ୍ଲାଃ ତାଲା ଆପଣମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ :ସଙ୍କ ଶିକ୍ଷା ଉପରେ ପ୍ରତିଷ୍ଠିତ ରହିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣଙ୍କ ଜଲ୍‌ସାକୁ ଅଗଣତି ସଫଳତା ପ୍ରଦାନ କରନ୍ତୁ ଏବଂ ଆପଣ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରୁ ସମ୍ପୁର୍ଣ୍ଣରୂପେ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ଆପଣମାନଙ୍କୁ ବୟତର କର୍ତବ୍ୟ / ଦାୟିତ୍ୱକୁ ନିର୍ବାହ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନେ ସର୍ବଦା ଖିଲାଫତେ ଅହେମଦୀୟାର ଆଜ୍ଞାବହ ହୁଅନ୍ତୁ, ଅଲ୍ଲାଃ ତାଲା ଆପଣମାନଙ୍କ ଜୀବନରେ ବାସ୍ତବିକ ପରିବର୍ତନ ଆଣିଦିଅନ୍ତୁ । ଯାହା ପୂଣ୍ୟ, ଧର୍ମ ପରାୟଣତା, ଇସ୍‌ଲାମ ଏବଂ ମାନବଜାତିର ସେବାକାର୍ଯ୍ୟରେ ବୃଦ୍ଧି କରାଇବାବାଲା ହେଉ । ଅଲ୍ଲାଃ ତାଲା ଆପଣ ସମସ୍ତଙ୍କ ଉପରେ ନିଜର କୃପା କରନ୍ତୁ ।

*ୱସ୍‌ସଲାମ୍ ଖାକ୍‌ସାର*
*ମିର୍ଜା ମସ୍‌ରୁର୍ ଅହେମଦ୍*
*ଖଲିଫତୁଲ୍ ମସିହିଲ୍ ଖାମିସ୍*

*(ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୧୫ ଅକ୍ଟୋବର ୨୦୧୯ଙ୍କୁ ଧନ୍ୟବାଦ)*

# : ଖୁତ୍‌ବା ଜୁମା :

**ଓହଦ୍ ଯୁଦ୍ଧର ଧ୍ୱଜାବାହକ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର ର:ଅ ଧ୍ୱଜାର ସୁରକ୍ଷା କାର୍ଯ୍ୟକୁ ଖୁବ୍ ନିର୍ବାହ କରିଛନ୍ତି ।**

**''ମୁସ୍‌ଅବ୍ ର:ଅ ମକ୍କା ବାହାରେ ପ୍ରଥମ ଇସ୍‌ଲାମୀୟ ମୁବଲ୍ଲିଗ୍ ଥିଲେ''**

**ବୟତେ ଉକ୍‌ବା ଭଳା ଅବସରରେ ମଦିନାରୁ ଆସିଥିବା ବାରଜଣ ଲୋକ ଆପଣ ସ:ଆ:ସଙ୍କ ହାତରେ ଏକଥାର ବୟତ କରିଥିଲେ କି ସେମାନେ ଖୁଦାଙ୍କ ବ୍ୟତିତ ଆଉ କାହାର ଉପାସନା କରିବେ ନାହିଁ, ଚୋରି କରିବେ ନାହିଁ, ବ୍ୟଭିଚାର କରିବେ ନାହିଁ, ସେମାନେ ନିଜ ଝିଅକୁ ହତ୍ୟା କରିବେ ନାହିଁ, ଜଣେ ଅନ୍ୟଜଣଙ୍କ ଉପରେ ମିଥ୍ୟାରୋପ କରିବେ ନାହିଁ, ନା ସେମାନେ ଖୁଦାଙ୍କ ନବିଙ୍କର ଅନ୍ୟାନ୍ୟ ପୂଣ୍ୟ ଶିକ୍ଷାଗୁଡ଼ିକର ଅମାନ୍ୟ କରିବେ ନାହିଁ ।**

**ଓହଦ୍ ଯୁଦ୍ଧ ସମୟରେ ଇସ୍‌ଲାମିୟ ସେନାର ଧ୍ୱଜାବାହକ ଅବସ୍ଥାରେ ଶାହାଦତ୍ ର ଗୌରବ ହାସଲକାରୀ ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ରସୁଲ୍ ସ:ଆ:ସଙ୍କ ସାହାବି ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଅମୀର୍ ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା ।**

**ପୃଥିବୀରେ କରୋନା ଭାଇରସ୍ ଦ୍ୱାରା ବ୍ୟାପୁଥିବା ମହାମାରୀ ସମ୍ବନ୍ଧରେ ସତର୍କମୂଳକ ପଦକ୍ଷେପ ନେବାପାଇଁ ଓ ଉପଦେଶାବଳୀ ଏବଂ ଦୁଆ କରିବାପାଇଁ ନିର୍ଦ୍ଦେଶ ।**

**ଅତ୍ୟନ୍ତ କୃରତାର ସହିତ ଶହିଦ୍ କରାଯାଇଥିବା ଅଜିଜମ୍ ତନ୍‌ଜିଲ୍ ଅହ୍‌ମଦ୍ ବଟ୍ (ୱାକିଫେ ନୌ) ସୁପୁତ୍ର ଅକିଲ୍ ଅହ୍‌ମଦ୍ ବଟ୍ ଅଫ୍ ଲାହୋର, ମୋକରମ୍ ବ୍ରିଗେଡ଼ିୟର ବଶିର୍ ଅହ୍‌ମଦ୍ ସାହେବ୍ ପୂର୍ବତନ ଅମୀର ଯମାତ୍ ଅହେମଦୀୟା ରାୱଲପିଣ୍ଡି ଏବଂ ମୋକରମ୍ ଡ଼ାକ୍ତର ହମିଦୁଦ୍ଦିନ୍ ସାହେବ୍ ଅଫ୍ ଗୋଖୁୱାଲ୍, ଫଏସଲାବାଦ୍‌ଙ୍କ ଦେହାନ୍ତ, ମରହୁମିନ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନାମଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୦୬ ମାର୍ଚ୍ଚ ୨୦୨୦ ଅନୁଯାୟୀ ୦୬ ଅମାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅଙ୍କ ଚର୍ଚ୍ଚା କରିଥିଲି ଯାହାର କିଛି ଅଂଶ ବାକି ରହିଯାଇଥିଲା ତାହା ଆଜି ମୁଁ ଚର୍ଚ୍ଚା କରିବି । ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅଙ୍କ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କୁହନ୍ତି ତାଙ୍କୁ ମଦିନାକୁ ଏକ ମୁବଲିଗ୍ ରୂପେ ପ୍ରେରଣ କରାଯାଇଥିଲା ଏବଂ ସେଠାରେ ସେ ଏଭଳି ସୁନ୍ଦରଭାବେ ସେବା ସମ୍ପାଦନ କରିଥିଲେ କି ହଜୁର ସ:ଆ:ସଙ୍କୁ ଅଲ୍ଲାଃ ତାଲା ତରଫରୁ ଅହରହ ସୁଚନା ଦେଲେ କି ତୁମେ ନିଶ୍ଚିତରୂପେ ତୁମ ନିମନ୍ତେ ହିଜରତ କରିବାର ସମୟ ନିକଟତର ହୋଇଆସୁଅଛି ଏବଂ ଆପଣଙ୍କ ଉପରେ ଏକଥା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ ଆପଣଙ୍କ ହିଜ୍‌ରତ୍ କରିବା ଅଂଚଳ ଏକ ସହର ଅଟେ ଯେଉଁଠାରେ କୁବା ଓ ଖଜୁରୀଗଛମାନ ଦେଖିବାକୁ ମିଳିବ । ଏଥିରୁ ହଜୁର ସ:ଆ:ସ ପ୍ରଥମେ ୟମାମା ଅନୁମାନ ଲଗାଇଥିଲେ କିନ୍ତୁ ଖୁବ୍ ଶିଘ୍ର ଏକଥା ଆପଣଙ୍କ ମନରୁ ଦୁରିଭୁତ ହୋଇଥିଲା ହଜୁର ସ:ଆ:ସ ଏହି ଅପେକ୍ଷାରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ଯେ, ପ୍ରଭୁ ଭାଗ୍ୟରେ ଯାହା ରଖିଥିବେ ତାହା ଧାର୍ଯ୍ୟ ସମୟ ଆସିଲେ ସ୍ୱୟଂମ ଇସ୍‌ଲାମର ପୀଠସ୍ଥଳି ପାଲଟିବ ଏତିକି ବେଳେ ହିଜ୍‌ରତ୍ ର ସମୟ ଆସିଗଲା । ଆରବରେ ଚର୍ତୁପାଶ୍ୱରୁ ଲୋକେ ହଜ୍ କରିବା ନିମନ୍ତେ ମକ୍କାରେ ଏକତ୍ରିତ ହେବାର ମୋହିଗଲେ । ହିଜ୍‌ରତ୍ ର ସମୟରେ ହଜୁର ସ:ଆ:ସ ନିଜ ସ୍ୱଭାବ ଅନୁଯାୟୀ ଯେଉଁଠାରେ କିଛି ଲୋକଙ୍କୁ ଏକତ୍ରିତ ଥିବାରେ ଦେଖୁଥିଲେ ସେଠାରେ ଯାଇ ସେମାନଙ୍କୁ ଏକଶ୍ୱରବାଦର ପ୍ରଚାର କରୁଥିଲେ ଏବଂ ପରମେଶ୍ୱରଙ୍କ ସତାର ସୁସମାଚାର ଦେଉଥିଲେ ତଥା ଅନ୍ୟାୟ, ଅତ୍ୟାଚାର, କୁକର୍ମ ଓ ବିଭ୍ରାଟ ବିଶୃଙ୍ଖଳାରୁ ନିବୃତ ରହିବାପାଇଁ ଉପଦେଶ ଦେଉଥିଲେ । ଆପଣ କେତେକ ଲୋକଙ୍କୁ ଆପଣଙ୍କ କଥା ଶୁଣୁଥିବାର ଦେଖି ମକ୍କାବାସୀ ସେମାନଙ୍କୁ ବିଛୁରୀତ କରିଦେଉଥିଲେ । ଆଉ ଯେଉଁମାନେ ପୂର୍ବରୁ ଆପଣଙ୍କ ସମ୍ବନ୍ଧରେ ମକ୍କାବାସୀଙ୍କଠାରୁ କିଛି କଥା ଶୁଣିନେଇଥିଲେ ସେମାନେ ଆପଣ ସ:ଆ:ସଙ୍କ ଉପରେ ଥଟ୍ଟା ପରିହାସ କରୁଥିଲେ । ଉପହାସ କରି ଚାଲିଯାଉଥିଲେ । ଥରେ ଏହିଭଳି ଅବସ୍ଥାରେ ଆପଣ ମୀନାର ପାଦଦେଶରେ ଭ୍ରମଣ କରୁଥିଲେ ଛଅ ସାତ ଜଣ ଲୋକ ଯିଏ ମଦିନାର ବାସିନ୍ଦା ଥିଲେ ସେମାନଙ୍କ ଉପରେ ଆପଣଙ୍କ ନଜର ପଡ଼ିଲା ସେମାନଙ୍କୁ ଆପଣ ପଚାରିଲେ ଆପଣମାନେ କେଉଁ କବିଲାର ଲୋକ ସେମାନେ ଉତର ଦେଲେ ଖଜରଜ କବିଲାର ଏଥିରେ ହଜୁର ସ:ଆ:ସ କହିଲେ ଆଛା ସେହି କବିଲା ଯେ ଇହୁଦୀ ମାନଙ୍କ ହଲିଫ୍ (ବନ୍ଧୁ) ଅଟନ୍ତି ସେମାନେ ଉତର ଦେଲେ ଆଜ୍ଞା ପୁନଶ୍ଚ ହଜୁର ସ:ଆ:ସ କହିଲେ ଆପଣମାନେ କିଛି କ୍ଷଣ ବସି ମୋ କଥା ଶୁଣିବେ କି ? ସେମାନେ ଆପଣଙ୍କ ସମ୍ବନ୍ଧରେ ପୂର୍ବରୁ ଶୁଣିଥିଲେ ମନରେ ମଧ୍ୟ ଆଗ୍ରହତା ଥିଲା । ସେମାନେ ଆପଣଙ୍କ କଥା ସ୍ୱୀକାର କରି ଆପଣଙ୍କ ନିକଟରେ ବସିପଡ଼ିଲେ ହଜୁର ସ:ଆ:ସ ସେମାନଙ୍କୁ କହିଲେ ପ୍ରଭୁଙ୍କ ପ୍ରଭୁତ୍ୱ ସଂସାରରେ ପ୍ରତିଷ୍ଠା ହେବା ନିକଟତର ବର୍ତମାନ ସଂସାରରୁ ପିତୁଳା ପୁଜା ର ମୁଳୋତ୍ପାଟନ କରିଦିଆଯିବ ଏବଂ ଏକଶ୍ୱରବାଦର ପ୍ରତିଷ୍ଠା ହେବ ସଂସାରରେ ଆଉଥରେ ପୁଣ୍ୟ ଓ ଧର୍ମପରାୟଣତାର ବୀଜରୋପଣ କରାଯିବ । କ'ଣ ମଦିନାରେ ଲୋକେ ଏହି ସର୍ବଶ୍ରେଷ୍ଠ ପୁରସ୍କାରକୁ ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ସେମାନେ ଆପଣଙ୍କର କଥା ଶୁଣି ପ୍ରଭାବିତ ହେଲେ ଏବଂ କହିଲେ ଆପଣଙ୍କ ଶିକ୍ଷା ତ ସ୍ୱାଗତ ଯୋଗ୍ୟ ବାକି ରହିଲା ମଦିନା ଇସ୍‌ଲାମ୍‌କୁ ଶରଣ ଦେବାପାଇଁ ପ୍ରସ୍ତୁତ ଅଛି କି ନାହିଁ ତାହା ଆମେ ମଦିନା ଫେରିଯାଇ ନିଜ ଗୋଷ୍ଠୀବାସୀଙ୍କ ସହ ପରାମର୍ଶ କରିବା ଅନ୍ତେ ଆସନ୍ତା ବର୍ଷ ହଜ୍ କରିବାକୁ

ଆସିବା ସମୟରେ ସେମାନଙ୍କର ନିଷ୍ପତି ବିଷୟରେ ଆପଣଙ୍କୁ ଅବଗତ କରାଇଦେବୁ । ସେତେବେଳେ ମଦିନାରେ ଦୁଇଟି ଆରବର କବିଲା ଅଓସ୍ ଏବଂ ଖଜ୍‌ରଜ୍ ବସବାସ କରୁଥିଲେ ତଥା ତିନିଗୋଟି ଇହୁଦୀ ଗୋଷ୍ଠୀ ଅର୍ଥାତ ବନୁ କୁରୈଜା, ବନୁ ନଜିର୍ ଓ ବନୁ କେନ୍‌କାଆ ଥିଲେ । ଅଓସ୍ ଓ ଖଜ୍‌ରଜ୍ ମଧ୍ୟରେ ପ୍ରାୟତଃ ଲଢ଼େଇ ଲାଗି ରହୁଥିଲା । ବନୁ କୁରୈଜା ଓ ବନୁ ନଜିର୍ ଅଓସ୍ ସହିତ ମିଳିତ ଥିଲେ ଏବଂ ବନୁ କେନ୍‌କାଆ ଖଜ୍‌ରଜ୍ ସହିତ ମିଳିତ ଥିଲେ ଦୀର୍ଘଦିନର ଲଢ଼େଇପରେ ସେମାନଙ୍କ ମନରେ ଏହି ଭାବନା ଉତ୍ପନ ହେଲା ଯେ ଆମମାନଙ୍କୁ ପରସ୍ପର ସହିତ ସନ୍ଧି କରିନେବା ଉଚିତ । ଶେଷରେ ପାରସ୍ପାରିକ ଆଲୋଚନା ଦ୍ୱାରା ଏକଥା ନିଷ୍ପତି ହେଲା ଯେ, ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍ ଯିଏ ଖଜ୍‌ରଜ୍‌ର ସର୍ଦ୍ଦାର ଥିଲା ତାଙ୍କୁ ସମଗ୍ର ମଦିନାବାସୀ ନିଜର ସମ୍ରାଟଭାବରେ ସ୍ୱୀକାର କରିନିଅନ୍ତୁ । ଇହୁଦୀମାନଙ୍କ ସହିତ ସମ୍ପର୍କ ଥିବା ଯୋଗୁଁ ଅଓସ୍ ଏବଂ ଖଜ୍‌ରଜ୍‌ର ଲୋକମାନେ ବାଇବେଲର ଭବିଷ୍ୟବାଣୀ ଶୁଣୁଥିଲେ । ଯେତେବେଳେ ଇହୁଦୀ ନିଜ ଦୁଖ କଷ୍ଟ ବର୍ଣ୍ଣନା କରୁଥିଲେ ସେତେବେଳେ ଶେଷରେ ମଧ୍ୟ ଏହା କହିଦଉଥିଲେ ଯେ, ଜଣେ ନବୀ ଯିଏ ମୁସାଙ୍କ ସଦୃଶ ହେବ ସେ ନିକଟ ଭବିଷ୍ୟତରେ ଆର୍ବିଭାବ ହେବେ ଯେତେବେଳେ ସେ ଆଗମନ କରିବେ ସେତେବେଳେ ସେ ସାରା ଦୁନିଆ ଉପରେ ବିଜୟ ଲାଭ କରିବେ । ଇହୁଦୀମାନଙ୍କ ଶତୃ ଧ୍ୱଂସ ହୋଇଯିବେ । ଯେତେବେଳେ ସେହି ହାଜିମାନଙ୍କଠାରୁ ମଦିନାବାସୀ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ଘୋଷଣା ଶୁଣିଲେ ଅର୍ଥାତ ନବୀ ହେବାର ସେତେବେଳେ ହଜୁର ସ:ଆ:ସଙ୍କ ସତ୍ୟତା ସେମାନଙ୍କ ହୃଦୟରେ ବସାବାନ୍ଧି ନେଲା ଏବଂ ସେମାନେ କହିଲେ ଏଇ ତ ସେହି ନବୀ ଜଣାପଡୁଛନ୍ତି ଯାହାଙ୍କ ବିଷୟରେ ଇହୁଦୀମାନେ ଆମକୁ ଖବର ଦେଉଥିଲେ ଅତଏବ୍ ଅନେକ ଯୁଗ ପିଢ଼ୀ ହଜୁର ସ:ଆ:ସଙ୍କ ଶିକ୍ଷାର ସତ୍ୟାସତ୍ୟରେ ପ୍ରଭାବିତ ହେଲେ ଏବଂ ଇହୁଦୀଙ୍କଠାରୁ ଶୁଣିଥିବା ସେହି କଥା ସେମାନଙ୍କର ବିଶ୍ୱାସ ଆଣିବାର ଆଧାର ଶୀଳା ପାଲଟିଲା । ସୁତରାଂ ଆସନ୍ତା ବର୍ଷ ହଜ୍ ଅବସରରେ ପୂର୍ନବାର ମଦିନା ଲୋକେ ଆସିଲେ ଏଥିରେ ୧୨ଜଣ ଲୋକ ଏହି ଉଦ୍ଦେଶ୍ୟରେ ମଦିନାରୁ ବାହାରିଥିଲେ କି, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧର୍ମରେ ଅନ୍ତଭୁକ୍ତ ହୋଇଯିବୁ । ସେମାନଙ୍କ ମଧ୍ୟରୁ ୧୦ଜଣ ଖଜ୍‌ରଜ୍ କବିଲାର ଥିଲେ ଏବଂ ଦୁଇଜଣ ବ୍ୟକ୍ତି ଅଓସ୍ କବିଲାର । ମଦିନାରେ ସେମାନେ ହଜୁର ସ:ଆ:ସଙ୍କ ସହ ସାକ୍ଷାତ କଲେ ଏବଂ ହଜୁର ସ:ଆ:ସଙ୍କ ହାତରେ ଏହି ପ୍ରତିଜ୍ଞା କଲେ କି, ସେମାନେ ସର୍ବଶକ୍ତିମାନ ପ୍ରଭୁଙ୍କ ବ୍ୟତିତ ଅନ୍ୟ କାହାରି ଉପାସନା କରିବେ ନାହିଁ ଅର୍ଥାତ ସେମାନେ ଚୋରୀ କରିବେ ନାହିଁ, କୁକର୍ମ ଓ ନିଜ କନ୍ୟାମାନଙ୍କ ହତ୍ୟା କରିବା, ପରସ୍ପର ଉପରେ ମିଥ୍ୟାରୋପ କରିବା ତଥା ପ୍ରଭୁଙ୍କ ଅବତାରଙ୍କ ଶିକ୍ଷାର ଅମାନ୍ୟ କରିବେ ନାହିଁ ଇତ୍ୟାଦି ।

ସେମାନେ ମଦିନା ଫେରିଯାଇ ନିଜ କବିଲା ଓ ପରିଜନମାନଙ୍କୁ ଖୁବ୍ ଇସ୍‌ଲାମ୍‌ର ପ୍ରଚାର କଲେ ମଦିନାର ଘରମାନଙ୍କର ପିତୁଳା ବାହାର କରି ଫିଙ୍ଗିଦେବାର ଦୃଶ୍ୟ ଅବଲୋକନ ହେଲା । ପିତୁଳା ଆଗରେ ମୁଣ୍ଡ ନୁଆଁଉଥିବା ଲୋକେ ବର୍ତମାନ ଶୀର ଉଠାଇ ଚାଲୁଥିଲେ । ପ୍ରଭୁଙ୍କ ବ୍ୟତିତ ଅନ୍ୟ କାହା ନିକଟରେ ନତମସ୍ତକ ହେବାପାଇଁ ପ୍ରସ୍ତୁତ ନଥିଲେ । ଇହୁଦୀ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ଥିଲେ କି ସହସ୍ର ବର୍ଷର ବନ୍ଧୁତା ଓ ପ୍ରଚାର ପ୍ରୟାସ ଯେଉଁ ପରିବର୍ତନ ଆଣିନଥିଲା ଇସ୍‌ଲାମ୍ ତାହା ମାତ୍ର କିଛି ଦିନରେ ଆଣିଦେଲା । ମଦିନାବାସୀଙ୍କ ହୃଦୟରେ ଏକଶ୍ୱରବାଦ ବସା ବାନ୍ଧି ସାରିଥିଲା । ଜଣଙ୍କ ପରେ ଆଉ ଜଣେ ଆସି କହୁଥିଲେ ମତେ ଇସ୍‌ଲାମ୍‌ର ଶିକ୍ଷା ସମ୍ବନ୍ଧରେ ଅବଗତ କରାଅ କିନ୍ତୁ ମଦିନାର ନବାଗତ ମୁସଲମାନମାନଙ୍କୁ ସ୍ୱୟମଂ ନା ଉତମରୂପେ ଇସ୍‌ଲାମ୍ ଶିକ୍ଷା ସମ୍ବନ୍ଧରେ ଅବଗତ ଥିଲେ ନା ସେମାନଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ, ସହସ୍ର ଲୋକମାନଙ୍କୁ ଇସ୍‌ଲାମ୍ ସମ୍ବନ୍ଧରେ ବିସ୍ତାରରୂପେ ସୁଚୀତ କରିପାରିଥାନ୍ତେ ତେଣୁ ସେମାନେ ଜଣଙ୍କୁ ମକ୍କା ପ୍ରେରଣ କଲେ ଏବଂ ଜଣେ ମୁବ୍‌ଲିଗ୍ ସେମାନଙ୍କ ଗହଣକୁ ପ୍ରେରଣ କରିବା ନିମନ୍ତେ ହଜୁର ସ:ଆ:ସଙ୍କ ନିକଟରେ ନିବେଦନ କଲେ । ହଜୁର ସ:ଆ:ସ ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅଙ୍କୁ ଯିଏ କି ହଫ୍‌ସାରୁ ଫେରି ଆସିଥିଲେ ମଦିନା ପ୍ରେରଣ କଲେ ମକ୍କା ବାହାରକୁ ସେ ପ୍ରଥମ ଇସ୍‌ଲାମୀୟ ମୁବ୍‌ଲିଗ ଭାବରେ ପ୍ରେରଣ କରାଯାଇଥିଲେ ।

*(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ , ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୨୧୪-୨୧୬)*

ଏହାର ଚର୍ଚ୍ଚା କରି ଆଉ ଏକ ସ୍ଥାନରେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି ସେତେବେଳେ ମଦିନାବାସୀଙ୍କୁ ଇସ୍‌ଲାମ ସମ୍ବନ୍ଧରେ ଅବଗତ ହାସଲ ହେଲା ଏବଂ ହଜ୍ ଅବସରରେ କିଛି ମଦିନାର ଲୋକେ ହଜୁର ସ:ଆ:ସଙ୍କ ସହ ସାକ୍ଷାତ କଲେ ଏବଂ ସେମାନେ ଆପଣଙ୍କ ସଚ୍ଚୋଟତାରେ ପ୍ରଭାବତି ହୋଇ ନିଜ ଦେଶକୁ ପତ୍ୟାବର୍ତନ କରିବାପରେ ନିଜ ଲୋକମାନଙ୍କ ଗହଣରେ ଆପଣଙ୍କର ଚର୍ଚ୍ଚା କଲେ କି ଇହୁଦୀମାନେ ଯେଉଁ ଅବତାରଙ୍କ ଆଗମନର ଭବିଷ୍ୟବାଣୀ କରୁଥିଲେ ସେ ମକ୍କାରେ ଜନ୍ମଗ୍ରହଣ କରିସାରିଛନ୍ତି ଏଥିରେ ସେମାନଙ୍କ ହୃଦୟରେ ହଜୁର ସ:ଆ:ସଙ୍କ ପ୍ରତି ଆଗ୍ରହ ଯାତ ହେଲା ସୁତରାଂ ସେମାନେ ପରବର୍ତୀ ହଜ୍ ସମୟରେ ଅର୍ଥାତ ଆସନ୍ତାବର୍ଷ ହଜ୍ ସମୟରେ ଗୋଟିଏ ଦଳ ପ୍ରେରଣ କଲେ ଏବଂ ସେମାନେ ହଜୁର ସ:ଆ:ସଙ୍କ ସହ ଆଲୋଚନା କରିବା ଅନ୍ତେ ଆପଣଙ୍କ ହସ୍ତରେ ବୟତ କରିନେଲେ । ଯେହେତୁ ସେତେବେଳେ ମକ୍କାରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରଚଣ୍ଡ ବିରୋଧ ଚାଲିଥିଲା ତେଣୁ ଏହି ସାକ୍ଷାତ ଏକ ଉପତ୍ୟାକାରେ ମକ୍କାବାସୀଙ୍କ ଦୃଷ୍ଟିରୁ ଗୋପନ ରଖି ଅନୁଷ୍ଠିତ ହୋଇଥିଲା । ବାସ୍ତବରେ ଏହାକୁ ବୟତେ ଉକ୍‌ବା କୁହାଯାଏ ଅର୍ଥାତ ଯେଉଁସ୍ଥାନରେ ଏହି ବୟତ ହୋଇଥିଲା ତାହା ବୟତ ଉକ୍‌ବା ନାମରେ ସୁପ୍ରଶିଦ୍ଧ ଯାହା କି ଅତ୍ୟନ୍ତ କଷ୍ଟକର ପଥ ମଧ୍ୟ ଦେଇ ଅତିକ୍ରମ କରିବାପରେ ଅନୁଷ୍ଠିତ ହୋଇଥିଲା । ଅର୍ଥାତ ଅଂଚଳଟି ଉକ୍ତ ଉପତ୍ୟାକାଟି ହଜୁର ସ:ଆ:ସ ସେମାନଙ୍କୁ ମଦିନାର ମୋମିନ୍ ମାନଙ୍କ ପାଇଁ ଅଫିସର ମାନ୍ୟତା ଦେଇଥିଲେ ଏବଂ ସେମାନଙ୍କୁ ସେଠାରେ ଇସ୍‌ଲାମ୍‌ର ପ୍ରଚାର କରିବାକୁ ନିର୍ଦ୍ଦେଶ ଦେଲେ ଅର୍ଥାତ ମଦିନାରେ ଉକ୍ତ ବ୍ୟକ୍ତିମାନଙ୍କୁ ଯିଏ କି, ନବାଗତ ମୁସଲମାନ ଥିଲେ ସେମାନଙ୍କୁ ସେଠାକାର ଅଫିସର ରୂପେ ମାନ୍ୟତା ଦେଇ ସେମାନଙ୍କୁ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦେଲେ ଅର୍ଥାତ ସେମାନଙ୍କ ସାହାଯ୍ୟ ନିମନ୍ତେ ନିଜର ଜଣେ ସାହାବି ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅଙ୍କୁ ପ୍ରେରଣ କଲେ । ଉକ୍ତ ଲୋକମାନେ ଫେରିବା ପୂର୍ବରୁ ହଜୁର ସ:ଆ:ସଙ୍କୁ ଏହି ନିମନ୍ତ୍ରଣ ଦେଇ ଗଲେ କି ଯଦି ଆପଣଙ୍କୁ ମକ୍କା ଛାଡ଼ିବାକୁ ହୁଏ ତେବେ ଆପଣ ମଦିନା ଆଗମନ କରିବେ ଉକ୍ତ ଲୋକମାନେ ମଦିନା ଫେରିବାର ସ୍ୱଳ୍ପ ସମୟ ମଧ୍ୟରେ ସେଠାରେ ଇସ୍‌ଲାମ ବିସ୍ତାର ଲାଭ କରିଗଲା । ବାସ୍ତବରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଆଉ କିଛି ସାହାବାଙ୍କୁ ମଦିନା ପ୍ରେରଣ କରିଦେଲେ ଯେଉଁମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସାମିଲ ଥିଲେ ତା'ପରେ ହିଜ୍‌ରତ୍ ର ଆଦେଶ ମିଳିବାପରେ ହଜୁର ସ:ଆ:ସ ସେଠାକୁ ଯାତ୍ରା କଲେ ଆପଣଙ୍କ ଯିବାର କିଛି ସମୟରେ ହିଁ ମଦିନାରେ ଥିବା ମୁଶ୍‌ରିକମାନ ମୁସଲମାନ ହୋଇଗଲେ ।

*(ତଫ୍‌ସିର୍ କବିର୍ ଖଣ୍ଡ-୧, ପୃ-୧୭୧)*

ମଦିନା ହିଜ୍‌ରତ୍ କରିବାପରେ ହଜ୍‌ରତ୍ ମୁହମ୍ମସ ମୁସ୍ତଫା ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ର:ଅ ଓ ହଜ୍‌ରତ୍ ଅବୁ ଅୟୁବ ଅନସାରୀଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୮୮ ..........ବେରୁତ ୧୯୯୦)*

ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅ ବଦର ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ ଥିଲେ ଏବଂ ଉଭୟ ଯୁଦ୍ଧରେ ମୁହାଜିରଙ୍କ ବଡ଼ ଧ୍ୱଜା ତାଙ୍କ ନିକଟରେ ଥିଲା ଯାହା କି ହଜୁର ସ:ଆ:ସ ତାଙ୍କୁ ପ୍ରଦାନ କରିଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୮୯ ..........ବେରୁତ ୧୯୯୦)*

ଆଉ ଏକ ବର୍ଣ୍ଣନା ଅନୁଯାୟୀ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶୀର ଅହେମଦ୍ ସାହେବ୍ ଉଲ୍ଲେଖ କରିଛନ୍ତି ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ମୁହାଜରିନ୍‌ଙ୍କ ଧ୍ୱଜା ହଜ୍‌ରତ୍ ମୁସ୍‌ଅବ ବିନ୍ ଉମୈର୍ ର:ଅଙ୍କ ନିକଟରେ ଥିଲା । ହଜୁର ସ:ଆ:ସ ମୁସଲମାନ ସୈନ୍ୟଙ୍କର ଧାଡ଼ି ବାନ୍ଧି ସେମାନଙ୍କୁ ଭିନ୍ନ ଭିନ୍ନ ଦଳରେ ଭାଗ କରି ସେମାନଙ୍କର ଜଣେ ଜଣେ ଅମୀର୍ ଧାର୍ଯ୍ୟ କରିଥିଲେ ଏତିକିବେଳେ ହଜୁର ସ:ଆ:ସଙ୍କୁ ଖବର ମିଳିଲା କି କୁରୈଶ୍‌ର ଧ୍ୱଜା ତଲ୍‌ହାଙ୍କ ଅଧିନରେ ରହିଛି । ତଲ୍‌ହା ସେହି ବଂଶର ଥିଲେ ଯିଏ କୁରୈଶ୍‌ର ମୂଳ ପୁରୁଷ କୁସ୍‌ସି ବିନ୍ କୁଲାବଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟବସ୍ଥା ଅନ୍ତର୍ଗତ ଯୁଦ୍ଧ ସମୟରେ କୁରୈଶ୍‌ର ଧ୍ୱଜା ନିଜ କବ୍‌ଜାରେ ରଖିବାର ଅଧିକାରୀ ଥିଲେ ଏଥିରେ ହଜୁର ସ:ଆ:ସ କହିଲେ, ଆମେ ଗୋଷ୍ଠୀ ବିଶ୍ୱସ୍ତତା ପଦର୍ଶନ କରିବାର ସବୁଠାରୁ ଅଧିକା ଅଧିକାରୀ ସୁତରାଂ ହଜ୍‌ରତ୍ ଅଲୀଙ୍କଠାରୁ ମୁହାଜରିନ୍‌ଙ୍କ ଧ୍ୱଜା ନେଇ ମୁସଅବ୍ ର:ଅଙ୍କୁ ପ୍ରଦାନ କରି ଦିଆଯାଉ । ସେ ମଧ୍ୟ ସେହି ବଂଶର ଅର୍ଥାତ ହଜ୍‌ରତ୍ ତଲ୍‌ହା ର:ଅଙ୍କ ବଂଶର ଜଣେ ସଦସ୍ୟ ଥିଲେ ଯେଉଁ ବଂଶ ସହ ତାଲ୍‌ହା ଯେପରି କି ମୁଁ କହିଲି ସମ୍ପର୍କୀତ ଥିଲେ । *(ସିରତ ଖାତ୍‌ମୁନ୍ ନବିୟିନ୍......... ପୃ-୪୮୮)*

ହଜ୍‌ରତ୍ ମୁସ୍‌ଅବ୍ ର:ଅ ଓ୍ୱହଦ୍ ଯୁଦ୍ଧରେ ଶହୀଦ ହୋଇଥିଲେ ସେତେବେଳେ ହଜ୍‌ରତ ହଜୁର ସ:ଆ:ସଙ୍କ ସମ୍ମୁଖରେ ଲଢୁଥିଲେ ଏବଂ ଏପରି ଲଢ଼ି ଲଢ଼ି ନିଜର ପ୍ରାଣ ବଳିଦେଲେ ତାଙ୍କୁ ଇବ୍‌ନେ କିମିଆ ଶହୀଦ କରିଥିଲା ।

*(ସିରତୁଲ୍ ନବୱିୟା ଲେ ଇବ୍‌ନେ ହୁଶାମ୍ ପୃ-୩୮୩...... ବେରୁତ ୨୦୦୯)*

ଇତିହାସ ପୃଷ୍ଠାରେ ଦରଜ ରହିଛି କି ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ମୁସଅବ୍ ର:ଅ ମୁସଲ୍‌ମାନମାନଙ୍କୁ ଧ୍ୱଜାର ପୂର୍ଣ୍ଣକର୍ତବ୍ୟ ସମ୍ପାଦନ କରିଥିଲେ ସେ ଧ୍ୱଜାକୁ ବହନ କରିଥିଲେ କି, ଇବ୍‌ନେ କିମିଆ ଯିଏ ଅଶ୍ୱାରୋହୀ ଥିଲେ ଆପଣଙ୍କ ଦକ୍ଷିଣ ବାହୁକୁ ଆକ୍ରମଣ କରିଥିଲା ଓ ତାହାକୁ କାଟି ଦେଇଥିଲା ସେତେବେଳେ ହଜ୍‌ରତ୍ ମୁସ୍‌ଅବ୍ ଏହି ପଂକ୍ତି ପାଠ କଲେ ***ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲୁନ୍ କଦ୍ ଖଲତ୍ ମିନ୍ କଦ୍ ଲିହିର୍ ରୁସୁଲ୍*** ଏବଂ ତା'ପରେ ନିଜ ବାମହସ୍ତରେ ଧ୍ୱଜା ଧରିନେଲେ । ଇବ୍‌ନେ କିମିଆ ବାମହସ୍ତକୁ ମଧ୍ୟ ନିଜ ତରବାରୀ ଦ୍ୱାରା ଆଘାତ କରିଥିଲେ ଯଦ୍ୱାରା ତାହା ମଧ୍ୟ କଟିଯାଇଥିଲା ତାହା ପରେ ଇବ୍‌ନେ କିମିଆ ବର୍ଚ୍ଛା ଦ୍ୱାରା ତୃତୀୟଥର ତାଙ୍କ ଉପରେ ଆକ୍ରମଣ କଲା ଏବଂ ତାଙ୍କ ଛାତିରେ ବର୍ଚ୍ଛା ନିକ୍ଷେପ କରି ଭାଙ୍ଗି ଦେଇଥିଲା ଅର୍ଥାତ ବର୍ଚ୍ଛା ତାଙ୍କ ଛାତିରେ ପ୍ରବେଶ କରି ଭାଙ୍ଗି ଯାଇଥିଲା ଯଦ୍ୱାରା ସେ ତଳେ ପଡ଼ିଯାଇଥିଲେ ଏଥିରେ ବନୁ ଅବଦୁଦାର୍‌ର ଦୁଇଜଣ ବ୍ୟକ୍ତି ସେବତ୍ ବିନ୍ ସାଆଦ୍ ବିନ୍ ହର୍‌ମଲା ଓ ଅବୁ ରୋମ୍ ବିନ୍ ଉମୈର୍ ଆଗକୁ ଆସି ଧ୍ୱଜା ସମ୍ଭାଳି ନେଇଥିଲେ ଏବଂ ସେମାନଙ୍କ ହସ୍ତରେ ଥିଲା କି ମୁସଲମାନ ପତ୍ୟାବର୍ତନ କରି ମଦିନାରେ ପଂହଚିଗଲେ ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୮୯ ........... ବେରୁତ ୧୯୯୦)*

ସେତେବେଳେ ମୁସ୍‌ଅବ୍ ର:ଅଙ୍କୁ ୪୦ ବର୍ଷ ହେବ ବା ତା'ଠାରୁ କିଛି ଅଧିକ ବୟସ ହୋଇଥିବ । *(ଉସଦୁଲ୍ ଗାବାଃ......... ଖଣ୍ଡ-୫, ପଅ-୧୭୬......... ବେରୁତ ୨୦୦୩)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଏହି ଘଟଣାର ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ସିରତ୍ ଖାତମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି କି, କୁରୈଶ୍‌ର ସୈନ୍ୟ ପାଖାପାଖି ପ୍ରତ୍ୟେକ ଦିଗରୁ ମୁସଲମାନମାନଙ୍କୁ ଘେରି ନେଇଥିଲେ ଏବଂ କ୍ରମାଗତଭାବରେ ଆକ୍ରମଣ ଦ୍ୱାରା ସେମାନଙ୍କୁ କବଳିତ କରିନେଇଥିଲେ ଏହା ସତ୍ୱେ ମଧ୍ୟ ସମସ୍ତ ମୁସଲମାନମାନେ ବୀରତାର ପଦର୍ଶନକରି ଦଣ୍ଡାୟମାନ ଥିଲେ କିନ୍ତୁ ଦୁର୍ଭାଗ୍ୟ ବସତଃ କୁରୈଶ୍‌ର ଜଣେ ଅତି ବୀର ସିପାହୀ ଅବଦୁଲ୍ଲା ବିନ୍ କିମିଆ ମୁସଅବ୍ ର:ଅଙ୍କ ଉପରେ ଆକ୍ରମଣ କରି ତାଙ୍କ ଦକ୍ଷିଣ ହସ୍ତ ଛେଦ କରିଦେଲା ତଥାପି ମୁସ୍‌ଅବ୍ ଧ୍ୱଜାକୁ ଅନ୍ୟ ହସ୍ତରେ ଜାବୁଡ଼ି ଧରି ଥିଲେ କିନ୍ତୁ ଏତିକିବେଳେ ସେ ଦୁରାଚାରୀ ତାଙ୍କର ବାମହସ୍ତକୁ ମଧ୍ୟ ଛେଦ କରିଥିଲା । କିନ୍ତୁ ମହାନ୍ ବୀର୍ ହଜ୍‌ରତ୍ ମୁସ୍‌ଅବ୍ ର:ଅ ଇସଲାମ ଧ୍ୱଜାକୁ ନିଜ କଟିଯାଇଥିବା ବାହୁ ମଧ୍ୟରେ ଜାବୁଡ଼ି ଧରି ଥିଲେ । କିନ୍ତୁ ଆକ୍ରମଣକାରୀ ତୃତୀୟଥର ତାଙ୍କ ଉପରେ ପ୍ରହାର କରି ତାଙ୍କୁ ଶହୀଦ କରିଦେଇଥିଲା ଯଦିଚ ଧ୍ୱଜାଟିକୁ ଆଉ ଜଣେ ମୁସଲମାନ ସଙ୍ଗେସଙ୍ଗେ ଯାଇ ଧରି ପକାଇଥିଲେ । କିନ୍ତୁ ଯେହେତୁ ମୁସ୍‌ଅବ୍ ର:ଅଙ୍କ ଶରୀରର ଗଠନ ହଜୁର ସ:ଆ:ସଙ୍କ ଶରୀର ସହିତ ମିଶୁଥିଲା ତେଣୁ ସେ ମନେ କରିନେଇଥିଲା ଯେ ହଜୁର ସ:ଆ:ସଙ୍କ ହତ୍ୟା କରିନେଇଛନ୍ତି । ତେଣୁ ସେ ମୁସଅବ୍ ର:ଅଙ୍କୁ ଶହୀଦ କରିବା ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲା କି, ମୁଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କରିଦେଇଛି ଏହି ସ୍ୱର ଶୁଣିବା ମାତ୍ରେ ମୁସଲମାନ ମାନଙ୍କର ବାକି ରହିଥିବା ସାହାସ ମାଟିରେ ମିଶିଯାଇଥିଲା ଏବଂ ଏହି କାରଣ ଥିଲା ଯେ, ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କ ସାହାସ ନିମ୍ନଗାମୀ ହେବା ଦ୍ୱାରା ସେମାନେ ଏଣେତେଣେ ଛତ୍ରଭଙ୍ଗ ଦେଇଥିଲେ । *(ସିରତ୍ ଖାତମୁ ନବିୟିନ୍......... ପୃ-୪୯୩)*

ଯଦିଚ ପରେ ଏକତ୍ରୀତ ହେଲେ ହଜୁର ସ:ଆ:ସଙ୍କ ସଙ୍ଗେ ଯେତେବେଳେ ହଜ୍‌ରତ୍ ମୁସ୍‌ଅବ୍ ର:ଅଙ୍କ ମରଶରୀର ନିକଟରେ ପଂହଚିଲେ ସେତେବେଳେ ସେ ଭୁପୃଷ୍ଟରେ ପେଟେଇ ପଡ଼ିଥିଲେ । ହଜୁର ସ:ଆ:ସ ତାଙ୍କ ନିକଟରେ ଦଣ୍ଡାୟମାନ ହୋଇ ଏହି ପଂକ୍ତି ପାଠ କରିଥିଲେ ଯାହାର ଅର୍ଥ ଏପରି ଅଟେ ମୋମିନ୍ ମାନଙ୍କ ମଧ୍ୟରୁ ଏପରି ମଧ୍ୟ ପୁରୁଷ ଅଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ସହ ଯେଉଁ ପ୍ରତିଜ୍ଞା କରିଥିଲେ ସେମାନେ ତାହା ପୁରଣ କରିଦେଇଛନ୍ତି (ଅହଜାବ୍ : ୨୪) । ଅତଏବ ସେମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି ମାନସିକ କରିଥିବା କଥାକୁ ପୂରଣ କରିଦେଇଛନ୍ତି ସେମାନଙ୍କ ମଧ୍ୟରୁ ଏମିତି ମଧ୍ୟ କିଛି ଅଛନ୍ତି ଯିଏ ଅପେକ୍ଷାରେ ଅଛନ୍ତି ସେମାନେ ନିଜର କାର୍ଯ୍ୟଶୈଳୀରେ କୌଣସି ପରିବର୍ତନ ଆଣିନାହାନ୍ତି । ଏହାପରେ ହଜୁର ସ:ଆ:ସ ଆରବୀରେ କହିଲେ: ଅର୍ଥାତ ପ୍ରଭୁଙ୍କ ବାର୍ତାବହ ସାକ୍ଷ୍ୟ ଦେଉଅଛି ଯେ, ତୁମେମାନେ ଅନ୍ତିମ ଦିବସରେ ମଧ୍ୟ ପ୍ରଭୁଙ୍କ ନିକଟରେ ଶହୀଦ ରହିବ ତାହାପରେ ହଜୁର ସ:ଆ:ସ ସାହାବମାନଙ୍କ ଆଡ଼କୁ ଚାହିଁ କହିଲେ ତାଙ୍କର ଅନ୍ତିମ ଦର୍ଶନ କରିନିଅ ଓ ତାଙ୍କୁ ସଲାମ୍ ପ୍ରେରଣ କର । ସେହି ସର୍ବଶକ୍ତିମାନର ରାଣ ଯାହାଙ୍କ ଅଧୀନରେ ମୋର ଜୀବନ ନାଟିକା ରହିଛି । ଅନ୍ତିମ ଦିବସ ପର୍ଯ୍ୟନ୍ତ ଯିଏ ଆଙ୍କ ଉପରେ ସଲାମ୍ ପ୍ରେରଣ କରିବ ସେ ତାହାକୁ ତାହାର ଉତର ଦେବେ । ହଜ୍‌ରତ୍ ମୁସ୍‌ଅବ ର:ଅଙ୍କ ଭାଇ ହଜ୍‌ରତ୍ ଅବୁ ରୋମ୍ ବିନ୍ ଉମୈର୍ ହଜ୍‌ରତ୍ ସୋଏବତ୍, ହଜ୍‌ରତ୍ ଆମୀର ବିନ୍ ରବୀୟା ଆଦି ହଜ୍‌ରତ୍ ମୁସ୍‌ଅବ ର:ଅଙ୍କୁ କବର ମଧ୍ୟରେ ଦାଖଲ କରିଥିଲେ । *(ତବକାତୁଲ କୁବୁରା ଖଣ୍ଡ-୩, ପୃ-୮୯-୯୦........ ବେରୁତ ୧୯୯୦)*

ସିରତ୍ ଖାତମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହାବ ଉଲ୍ଲେଖ କରିଛନ୍ତି ଯେ ଅନ୍ଧକାର ମୟ ଯୁଗରେ ହଜ୍‌ରତ୍ ମୁସ୍‌ଅବ୍ ର:ଅ ମକ୍କାର ଯୁବପିଢ଼ୀ ମଧ୍ୟରେ ସବୁଠାରୁ ଅଧିକ ଉତ୍ସାହିତ ଓ ହସମୁଖ ସ୍ୱଭାବର ବ୍ୟକ୍ତି ଥିଲେ ଅତି ଆଡ଼ମ୍ବରପୂର୍ଣ୍ଣ ଜୀବନ ଯାପନ କରୁଥିଲେ ଇସ୍‌ଲାମ ସ୍ୱୀକାର କରିବାପରେ ତାଙ୍କର ଅବସ୍ଥା ସମ୍ପୁର୍ଣ୍ଣରୂପେ ବଦଳି ଯାଇଥିଲା ଓ୍ୱହଦ୍‌ରେ ଶହୀଦ ହେବା ସମୟରେ ତାଙ୍କ ନିକଟରେ ଏତିକି ମାତ୍ର ବସ୍ତ୍ର ନଥିଲା କି ଯେଉଁଥିରେ ତାଙ୍କ ଶରୀର ଢ଼ଙ୍କା ଯାଇପାରିବ । ଅତଏବ ତାଙ୍କ ପାଦ ଢ଼ାଙ୍କିଲା ବେଳକୁ ମସ୍ତକ ମୁକୁଳା ରହିଯାଉଥିଲା ଏବଂ ମସ୍ତକ ଉପରକୁ ଢ଼ାଙ୍କିଲା ବେଳକୁ ପାଦ ମୁକୁଳା ହୋଇଯାଉଥିଲା ସୁତରାଂ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପବିତ୍ର ମସ୍ତକକୁ କପଡ଼ାରେ ବା ବସ୍ତ୍ରରେ ଢ଼ାଙ୍କି ଦିଆଯାଇଥିଲା ଓ ପାଦକୁ ଘାସ ଦ୍ୱାରା ଲୁଚାଇ ଦିଆଯାଇଥିଲା ।

*(ସିରତ ଖାତମୁନ୍ ନବିୟିନ୍......... ପୃ-୫୦୧)*

ସହୀ ବୁଖାରୀରେ ଦରଜ ରହିଛି କି ହଜ୍‌ରତ୍ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ନିକଟକୁ ଆଫ୍‌ତାରି ପାଇଁ ଖାଦ୍ୟ ଅଣା ଗଲା ଅର୍ଥାତ ସେ ରୋଜା ରଖିଥିଲେ, ସେତେବେଳେ ସେ କହିଲେ ମୁସଅବ୍ ଶହୀଦ ହୋଇଗଲେ ସେ ମୋଠାରୁ ଶ୍ରେୟସ୍କର ଥିଲେ ସେ ମାତ୍ର ଗୋଟିଏ ଚଦରରେ କଫନ ଦିଆଗଲେ । ତାଙ୍କ ପାଦ ଢ଼ାଙ୍କିଲା ବେଳକୁ ମୁଣ୍ଡ ମୁକୁଳା ରହିଯାଉଥିଲା ଏବଂ ମୁଣ୍ଡ ଢ଼ାଙ୍କିଲା ବେଳକୁ ପାଦ ମୁକୁଳା ହୋଇଯାଉଥିଲା । ସେ ଆହୁରି କହିଲେ ଆମକୁ ସେ ସମସ୍ତ ସାଂସାରିକ ସାମଗ୍ରୀ ପ୍ରାପ୍ତ ହେଲା ଯାହା ମିଳିବାପରେ ଆମେ ଭୟର ଆଶଙ୍କା ମଧ୍ୟରେ ଘେରି ରହିଛୁ କି ଆମ ପୂଣ୍ୟ କର୍ମର ଫଳ ଆମକୁ ଶିଘ୍ର ପ୍ରାପ୍ତ ନ ହୋଇଯାଉ । ତା'ପରେ ସେ ରୋଦନ କରିବାକୁ ଲାଗିଲେ ଏପରି କି ଖାଇବା ଛାଡ଼ିଦେଲେ ।

*(ସହୀ ବୁଖାରୀ...... ହଦିସ୍-୧୨୭୫)*

ଅଲ୍ଲାଃ ତାଲାଙ୍କ ଭୟରେ ଏହି ଇହ କାଳରେ ଯଦି ସବୁ କିଛି ମିଳିଯାଏ ତେବେ ପରକାଳର ପୁରସ୍କାରରୁ ଆମେ ବଂଚିତ ରହି ନ ଯାଉ । ସେଥିପାଇଁ ସେ ରୋଦନ କରିବାକୁ ଲାଗିଲେ ।

ହଜ୍‌ରତ୍ ଖବାବ୍ ବିନ୍ ଅରତ ବର୍ଣ୍ଣନା କରନ୍ତି କି ଆମମାନଙ୍କ ମଧ୍ୟରୁ ଏପରି ଲୋକ ଯେ ଏହି ଇହ ଧାମ ଛାଡ଼ି ଚାଲିଗଲେ ସେମାନେ ନିଜ ଅମଳର ବଦଳରେ କିଛି ସେବନ କରିନାହାନ୍ତି । ସେମାନଙ୍କ ମଧ୍ୟରୁ ମୁସ୍‌ଅବ୍ ର:ଅ ଅନ୍ୟତମ । ଯେ ଓ୍ୱହଦ୍ ଯୁଦ୍ଧରେ ଶହୀଦ ହେଲେ ଯାହାଙ୍କ କଫନରେ ତାଙ୍କ ପାଦ ଢ଼ାଙ୍କିଲା ବେଳକୁ ତାଙ୍କ ମୁଣ୍ଡ ମୁକୁଳା ରହିଯାଉଥିଲା ଓ ମୁଣ୍ଡକୁ ଢ଼ାଙ୍କିଲା ବେଳକୁ ପାଦ ମୁକୁଳା ରହିଯାଉଥିଲା । *(ସହୀ ବୁଖାରୀ...... ହଦିସ୍-୧୨୭୫)*

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ନବୀ କରିମ୍ ସ:ଆ:ସ କହିଲେ ପ୍ରତ୍ୟେକ ନବୀଙ୍କୁ ଅଲ୍ଲାଃ ତାଲା ସାତଜଣ ବିଶେଷ ସାଥି ପ୍ରଦାନ କରିଥାଏ କିନ୍ତୁ ମତେ ୧୪ଜଣ ବିଶେଷ ସାଥି ପ୍ରଦାନ କରିଛନ୍ତି ଆମେ ପଚାରିଲୁ ସେମାନେ କିଏ ? ହଜୁର ସ:ଆ:ସ ଉତର ଦେଲେ ମୋର ଦୁଇ ନାତୀ, ଯାଫର, ହମ୍‌ଜା, ଅବୁବକର, ଉମର, ମୁସଅବ, ବିଲାଲ, ସଲମାନ, ମିକ୍‌ଦାଦ୍, ଅବୁ ଜର୍, ଅମାର୍ ଏବଂ ଅବଦୁଲ୍ଲାଃ ବିନ୍ ମସଉଦ୍ ।

*(ସୁନନେ ତିରିମିଜି....... ହଦିସ୍.....୩୭୮୫)*

ହଜ୍‌ରତ୍ ଆମୀର ବିନ୍ ରବିୟା ବର୍ଣ୍ଣନା କରନ୍ତି କି ତାଙ୍କ ପିତା କୁହନ୍ତି ଯେତେବେଳେ ହଜ୍‌ରତ୍ ମୁସ୍‌ଅବ୍ ର:ଅ ବିଶ୍ୱାସ ଆଣିଲେ ସେବେଠାରୁ ଶହୀଦ ହେବା ପର୍ଯ୍ୟନ୍ତ ମୋର ବନ୍ଧୁ ଓ ମିତ୍ର ଥିଲେ । ସେ ଆମ ସାଥିରେ ଦୁଇଟି ଯାକ ହିଜ୍‌ରତ୍ ଅର୍ଥାତ ହଫ୍‌ସା ଓ ମଦିନା ଯାତ୍ରା କରିଥିଲେ ତାଙ୍କ ପରି ବନ୍ଧୁ ମୁଁ ଆଦୌ ଦେଖିନାହିଁ । ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧରୁ ଫେରି ହଜ୍‌ରତ୍ ମୁସ୍‌ଅବ୍ ର:ଅଙ୍କ ପତ୍ନୀ ହଜ୍‌ରତ୍ ହମ୍‌ନା ବିନ୍‌ତେ ଜହସ୍‌ଙ୍କୁ ସାକ୍ଷାତ କରିବାକୁ ଗଲେ ଏବଂ ତାଙ୍କୁ ତାଙ୍କ ଭାଇ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜହସ୍‌ଙ୍କ ଶହୀଦ ହେବାର ସୁଚନା ଦେଲେ ଏଥିରେ ସେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ପାଠ କଲେ ଏବଂ କ୍ଷମା ଯାଚନା କଲେ । ତା'ପରେ ତାଙ୍କ ମାମୁଁ ହଜ୍‌ରତ୍ ହମ୍‌ଜା ର:ଅଙ୍କ ଶହୀଦ ହେବା କଥା କହିଲେ । ସେଥିରେ ମଧ୍ୟ ସେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ପାଠ କଲେ ଏବଂ ଅଲ୍ଲାଃଙ୍କଠାରେ ତାଙ୍କ ପାଇଁ କ୍ଷମା ଯାଚନା କଲେ । ସେଥିଅନ୍ତେ ହଜୁର ସ:ଆ:ସ ତାଙ୍କୁ ତାଙ୍କ ସ୍ୱାମୀ ହଜ୍‌ରତ୍ ମୁସ୍‌ଅବ୍ ର:ଅଙ୍କ ଶହୀଦ ହେବାର ଖବର ଦେଲେ ଏଥିରେ ସେ ରୋଦନ କରିବା ଆରମ୍ଭ କରିଦେଲେ ଏବଂ ବ୍ୟସ୍ତବିବ୍ରତ ହୋଇ ଉଠିଲେ । ହଜୁର ସ:ଆ:ସ କହିଲେ ଜଣେ ମହିଳାପାଇଁ ତା ସ୍ୱାମୀ ଏକ ବିଶେଷ ସ୍ଥାନ ଓ ଆସନ ରଖିଥାଏ ।

*(ସିରତୁନ ନବଓ୍ୱିୟା.......... ପୃ-୩୯୬.......ବେରୁତ ୨୦୦୯)*

ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜ୍‌ରତ୍ ହମ୍‌ଦା ବିନ୍‌ତେ ଜହସଙ୍କୁ ତାଙ୍କ ଭାଇର ଶହୀଦ ହେବା ସମ୍ବନ୍ଧରେ ସୁଚନା ମିଳିଲା ସେଥିରେ ସେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ପାଠ କରି କ୍ଷମା ଯାଚନା କରିଥିଲେ କିନ୍ତୁ ଯେତେବେଳେ ଲୋକେ ତାଙ୍କୁ ତାଙ୍କ ସ୍ୱାମୀଙ୍କ ଶହୀଦ ହେବା ସମାଚାର ଦେଲେ ସେତେବେଳେ ସେ କହି ଉଠିଲେ ହାଏ ବିଧାତା ! ଏଥିରେ ହଜ୍‌ରତ୍ ସ:ଆ:ସ କହିଲେ ଜଣେ ମହିଳାର ତା'ର ସ୍ୱାମୀ ସହ ଏଭଳି ସମ୍ପର୍କ ରହିଥାଏ ଯାହାକି ଅନ୍ୟ କାହାରି ସହ ନଥାଏ ।

*(ସୁନନେ ଇବ୍‌ନେ ମାଜା........ ହଦିସ୍-୧୫୯୦)*

ଏହି ଘଟଣା ଆମ ଚତୁର୍ଥ ଖଲିଫା ଗୋଟିଏ ଖୁତ୍‌ବାରେ ମଧ୍ୟ ବର୍ଣ୍ଣନା କରିଥିଲେ ତାହା ଏପରି ଅଟେ କି ସେ ସେହି ସାହାବା ଅବା ବା ମହିଳା ସାହବି ଯେଉଁମାନଙ୍କ ନିକଟ ସମ୍ପର୍କୀୟ ଯୁଦ୍ଧରେ ଶହୀଦ ହୋଇଥାନ୍ତି ଯୁଦ୍ଧରୁ ଫେରିବା ପରେ ରହି ରହି ତାଙ୍କ ପରିଜନଙ୍କ ଶହୀଦ ହେବାର ଖବର ଦିଆଯାଇଥାଏ । ଯଦ୍ୱାରା ସେମାନେ ସଙ୍ଗେ ସଙ୍ଗେ ଭାଙ୍ଗି ନ ପଡ଼ନ୍ତୁ । ଅତଏବ ଯେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ହଜ୍‌ରତ୍ ଅବଦୁଲ୍ଲାଃ ର:ଅଙ୍କ ଭଗିନୀ ଉପସ୍ଥିତ ହେଲେ ସେତେବେଳେ ହଜୁର ସ:ଆ:ସ ତାଙ୍କୁ ଆଶ୍ୱାସନା ଦେଲେ ଏବଂ କହିଲେ ଧୈର୍ଯ୍ୟ ଧର ଏବଂ ପ୍ରଭୁଙ୍କ ଠାରୁ ପୂଣ୍ୟ ପ୍ରାପ୍ତିର ଆଶା ରଖ ସେହି ସେ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ ! କାହା ପୂଣ୍ୟ ହଜୁର ଉତର ଦେଲେ ତୁମ ମାମୁଁ ହଜ୍‌ରତ୍ ହମ୍‌ଜା ର:ଅ ଏଥିରେ ସେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ପାଠ କରିବାପରେ କ୍ଷମା ଯାଚନା କରିଥିଲେ । ତା'ପରେ ହଜୁର ସ:ଆ:ସ କହିଲେ ହେ ହମନା ! ଧୈର୍ଯ୍ୟ ଧର ଏବଂ ପ୍ରଭୁଙ୍କଠାରୁ ପୂଣ୍ୟ ପ୍ରାପ୍ତିର ଆଶା ରଖ । ସେ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ କାହା ପୂଣ୍ୟ ହଜୁର ସ:ଆ:ସ ଉତର ଦେଲେ ତୁମ ଭାଇ ଅବଦୁଲ୍ଲାଃ ର:ଅଙ୍କର ସେଥିରେ ସେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ପାଠ କଲେ ଏବଂ ଅଲ୍ଲାଃଙ୍କ କ୍ଷମା ଯାଚନା କଲେ । ଏଥିରେ ହଜୁର ସ:ଆ:ସ ତାଙ୍କୁ ଆଶ୍ୱାସନା

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଦେଲେ ଏବଂ ଧୈର୍ଯ୍ୟ ଧରିବାପାଇଁ ନିର୍ଦ୍ଦେଶ ଦେଲେ ଏବଂ ନିଜ ପ୍ରଭୁଙ୍କଠାରୁ ପୂଣ୍ୟ ପ୍ରାପ୍ତିର ଆଶା ବାନ୍ଧିବା ପାଇଁ କହିଥିଲେ । ସେ ପ୍ରଶ୍ନ କଲେ, ସେ ପୂର୍ନବାର ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ! କାହାର ପୂଣ୍ୟ ହଜୁର ସ:ଆ:ସ ଉତର ଦେଲେ ତୁମ ସ୍ୱାମୀର ମୁସ୍‌ଅବ୍ ର:ଅଙ୍କର ଏଥିରେ ସେ ଅବାଞ୍ଛିତ ଭାବରେ କହି ଉଠିଲେ ହାଏ ବିଧାତା ଏଥିରେ ହଜୁର ସ:ଆ:ସ କହିଲେ ଜଣେ ମହିଳାର ତାହାର ସ୍ୱାମୀ ସହ ଏଭଳି ସମ୍ପର୍କ ରହିଥାଏ ଯାହାକି ଅନ୍ୟ କାହାରି ସହ ନଥାଏ । କିନ୍ତୁ ତୁମେ ଏପରି ଶବ୍ଦ ଉଚ୍ଚାରଣ କାହିଁକି କଲ । ଏଥିରେ ସେ କହିଲେ ଅର୍ଥାତ ହଜ୍‌ରତ୍ ହମ୍‌ନା ବିନ୍‌ତେ ଜହସ୍ କହିଲେ, ହେ ଅଲ୍ଲାଃଙ୍କ ରସୁଲ! ମତେ ତାଙ୍କ ବାପା ଛେଉଣ୍ଡ ପିଲାମାନଙ୍କ କଥା ମନେପଡ଼ିଗଲା । ଅର୍ଥାତ ମୋ ପିଲାମାନଙ୍କର ଯେ କି, ବାପ ଛେଉଣ୍ଡ ହୋଇଯାଇଛନ୍ତି । ଯେଉଁଥିପାଇଁ ମୋ ମୁଖରୁ ଏପରି ଶବ୍ଦ ଉଚ୍ଚାରିତ ହୋଇଗଲା । ଏଥିରେ ହଜୁର ସ:ଆ:ସ ତାଙ୍କ ପିଲାମାନଙ୍କ ପାଇଁ ଦୁଆ କଲେ । ହେ ପ୍ରଭୁ ସେହି ବାପ ଛେଉଣ୍ଡ ପିଲାମାନଙ୍କ ପ୍ରତିପୋଷଣ କର ଓ ସେମାନଙ୍କ ସହ ନମ୍ର ଓ ଦୟା ପୂର୍ଣ୍ଣ ବ୍ୟବହାର କର । ତା'ପରେ ଅଲ୍ଲାଃ ସେମାନଙ୍କ ସହ ସେହିପରି ଆଚରଣ କଲେ । *(ଖୁତ୍‌ବାତେ ତାହେର୍ ଖିଲାଫତ୍ ପୂର୍ବ ପୃ-୩୬୩)*

ହଜୁର ସ:ଆ:ସଙ୍କ ଦୁଆ ସ୍ୱୀକାର ହେଲା । ଏଠାରେ ମୁସ୍‌ଅବ୍ ର:ଅଙ୍କ ଚର୍ଚ୍ଚା ଶେଷ ହେଲା । ଇନ୍‌ଶାଅଲ୍ଲାଃ ଆସନ୍ତାରେ ଅନ୍ୟ ସାହାବିଙ୍କର ଚର୍ଚ୍ଚା ହେବ ।

ବର୍ତମାନ ମୁଁ ଆଜିକାଲି ଯେଉଁ କୋରୋନ ଭାଇରସ ନିଜର ପ୍ରଭାବ ବିସ୍ତାର କରିଚାଲିଛି । ସେଥିସମ୍ବନ୍ଧରେ ଯମାତ୍‌ର ସଦସ୍ୟମାନଙ୍କର ଧ୍ୟାନ ଆକର୍ଷଣ କରିବାକୁ ଚାହେଁ କି ଯେପରି ପ୍ରଶାସନ ତରଫରୁ ନିର୍ଦ୍ଦେଶ ଓ ଘୋଷଣା କରାଯାଉଅଛି ତଦନୁଯାୟୀ ଆମ୍ଭମାନଙ୍କୁ ଅମଳ କରିବା ଉଚିତ । ଆରମ୍ଭରେ ମୁଁ କିଛି ହୋମିଓପାଥି ଔଷଧି ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ସେବନ କରିବା ପାଇଁ କହିଥିଲି ଯାହାକି ସୁରକ୍ଷା ଦୃଷ୍ଟିକୋଣରୁ ଓ ଉପଚାର ଉଦ୍ଦେଶ୍ୟରେ ଥିଲା ତାହା ବ୍ୟବହାର କରିବା ଉଚିତ । କାରଣ ତାହା ମଧ୍ୟ ଏକ ସମ୍ଭବ ଉପଚାର କିନ୍ତୁ ଏହା କହିବା ସଠିକ୍ ହେବନାହିଁ ଯେ, ସେଥିରେ ଶହେ ପ୍ରତିଶତ ଉପସମ ରହିଛି । ଏହା ଏକ ଏପରି ଭାଇରସ ଯାହା ସମ୍ବନ୍ଧରେ କୌଣସି ସଠିକ୍ ଧାରଣା କାହାରି ହେଲେ ନାହିଁ, କାହାରିକୁ ନାହିଁ । କିନ୍ତୁ ତାହାର ନିକଟତର ଉପଚାର ଯାହା ହୋଇପାରେ ଏପରି ବ୍ୟାଧିର ସେଥି ମୁତାବକ ଔଷଧି ପ୍ରଦାନ କରାଯାଉଅଛି । ଅଲ୍ଲାଃ ତାଲା ସେଥିରେ ଉକ୍ତ ରୋଗର ଉପସମ ରଖିଦିଅନ୍ତୁ । ଏଥିସହିତ ପ୍ରତିଶେଧକ ବ୍ୟବସ୍ଥା ରଖିବା ମଧ୍ୟ ଜରୁରୀ ଯେପରି ଘୋଷଣା କରାଯାଉଅଛି କି ଜନସମାଗମରୁ ନିବୃତ ରୁହନ୍ତୁ ମସ୍‌ଜିଦ୍‌ରୁ ଆସିବାରୁ ମଧ୍ୟ ଏପରି ରୋଗୀ ନିବୃତ ରହିବା ଉଚିତ । ସାମାନ୍ୟ ଧରଣର ଜ୍ୱର ହେଲେ ଅବା ଶରୀରରେ ପିଡ଼ା ହେଲେ ଅବା ଛିଙ୍କ, କାଶ, ସର୍ଦ୍ଦି ହେଲେ ମସ୍‌ଜିଦ୍ ଆସିବାପାଇଁ ନିବୃତ ରହିବା ଉଚିତ । ମସ୍‌ଜିଦ୍‌ର ମଧ୍ୟ କିଛି କର୍ତବ୍ୟ ରହିଛି କି ଯେ ସେଠାକୁ ଏପରି ବ୍ୟକ୍ତି ନ ଆସନ୍ତୁ ଯାହାଙ୍କ ଦ୍ୱାରା ଅନ୍ୟମାନେ ପ୍ରଭାବିତ ହେବେ, ଏପରି ସଂକ୍ରମିତ ରୋଗରେ ଆକ୍ରାନ୍ତ ରୋଗୀ ଯେଉଁଥିରେ ଜଣେ ସୁସ୍ଥଲୋକଙ୍କୁ ସଂକ୍ରମିତ ହେବାର ବେସ୍ ଆଶଙ୍କା ରହିଥାଏ । ଏହିପରି ଆଜିକାଲି ଛିଙ୍କିବା ସମୟରେ ମୁହଁରେ ହାତ କିମ୍ବା ରୁମାଲ୍ ନେବା ଉଚିତ । କେତେକ ନମାଜି ଏହି ଅଭିଯୋଗ ମଧ୍ୟ କରିଥାନ୍ତି କି, କେତେକ ଲୋକ ନିକଟରେ ଛିଡ଼ା ହୋଇ ଛିଙ୍କିଥାନ୍ତି ଏବଂ ନା' ସେମାନେ ମୁହଁରେ ହାତ ରଖନ୍ତି ନା ରୁମାଲ୍ । ପୁଣି ଏଭଳି ଜୋର୍‌ରେ ଛିଙ୍କ ମାରିଥାନ୍ତି ଯେ, ତାହା ଆମ ଉପରେ ମଧ୍ୟ ପଡ଼ିଥାଏ । ତେଣୁ ଏ ସବୁ କଥା ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ । ଡ଼ାକ୍ତରମାନେ ଆଜିକାଲି ଯେଉଁଭଳି ପରାମର୍ଶ ଦେଉଛନ୍ତି ହାତ, ମୁଖ ଇତ୍ୟାଦି ସଫାସୁତୁରା ରଖିବା ଉଚିତ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ ଯଦି ହାତ ମଳିନ ଅଛି ତେବେ ତାହାକୁ ଚେହେରାରେ ଲଗାଇବା ଉଚିତ ନୁହେଁ । କିନ୍ତୁ ଯେପରି ଜଣେ ମୁସଲମାନ ପାଂଚ ବେଳା ନମାଜ ପାଠ କରିବା ପୂର୍ବରୁ ଅଜୁ କରିବାର ନିୟମ ରହିଛି ଏବଂ ସେଥିରେ ନାକରେ ପାଣି ପୁରାଇ ସଫାକରିବା ଇତ୍ୟାଦି ସ୍ୱଚ୍ଛତାର ଏଭଳି ଉଜ୍ଜସ୍ତର ରହିଛି । ଯାହା ସାନିଟାଇଜ୍‌ର ଆବଶ୍ୟକତାକୁ ପୂରଣ କରିଦେଇଥାଏ । ଆଜିକାଲି ବଜାରରେ ମଧ୍ୟ ସାନିଟାଇଜ୍ ଶେଷ ହେବାରେ ଲାଗିଛି । ଅର୍ଥାତ ତାହା ସମାପ୍ତ ହୋଇଚାଲିଛି । ସେ ଯାହା ହେଉ ଯଦି ଜଣେ ସଠିକ୍ ରୂପେ ଓ୍ୱଜୁ କରେ ତେବେ ଏଥିରେ ଉତମରୂପେ ସଫେଇ ହୋଇଯାଇଥାଏ ଏଥିଅନ୍ତେ ନମାଜ ପାଠ କଲେ ଆଧାତ୍ମିକ ସ୍ତରରେ ମଧ୍ୟ ପରିଷ୍କାର ହାସଲ ହୋଇଥାଏ । ପୁଣି ଆଜିକାଲି ଏପରି ସଙ୍କଟାପନ୍ନ ଅବସ୍ଥାରେ ଦୁଆ (ଅର୍ଥାତ ପ୍ରାର୍ଥନା)ର ମଧ୍ୟ ଅତ୍ୟଧିକ ଆବଶ୍ୟକତା ରହିଛି ତେଣୁ କରି ଏଥିପ୍ରତି ମଧ୍ୟ ଆମକୁ ବିଶେଷ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । ପୁଣି ଶୀତଦିନେ କେତେକ ଲୋକେ ମସ୍‌ଜିଦ୍‌କୁ ଏଭଳି ମୋଜା ପରିଧାନ କରି ଆସିଯାଆନ୍ତି ଯେଉଁଥିରୁ ଦୁର୍ଗନ୍ଧ ଆସିଥାଏ । ତେଣୁ ପ୍ରତିଦିନ ନିଜ ମୋଜା ମଧ୍ୟ ପରିଷ୍କାର କରିବା ଓ ବଦଳାଇବା ଉଚିତ କାରଣ ତୁମ ପଛରେ ନମାଜ ପାଠ କରୁଥିବା ବ୍ୟକ୍ତି ମୋଜା ର ଦୁର୍ଗନ୍ଧ ଦ୍ୱାରା ଅସୁବିଧା ଭୋଗ କରିଥାଏ । ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆମକୁ ନିର୍ଦ୍ଦେଶ ଦେଇଛନ୍ତି କି କୌଣସି ଦୁର୍ଗନ୍ଧକର ଖାଦ୍ୟ ଯେପରି ରସୁଣ, ପିଆଜ ଆଦି ସେବନ କରି ମସ୍‌ଜିଦ୍ ଆସନ୍ତୁ ନାହିଁ । *(ସୁନନେ ଅବୁଦାଉଦ...... ହଦିସ୍ ୩୮୨୩)*

କେତେକ ସମୟରେ ହାକୁଟି ବଡ଼କରା ମାରିବା ଦ୍ୱାରା ତା'ର ଗନ୍ଧ ପରିବ୍ୟାପ୍ତ ହୋଇଥାଏ ଯାହାକି ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ ଏବଂ ସେମାନେ ଅକାରଣେ କଷ୍ଟ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

***ତାଲିବେ ଦୁଆ:*** *Abdul Chand & Family, Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମ୍ଭମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

***ତାଲିବେ ଦୁଆ:*** *Farzan Ali Khan & Family, Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |
| (ii) | **Chelidonium Maj - 1x** | | |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତଦ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

ଭୋଗିଥାନ୍ତି ଆମକୁ ତ ଏହି ନିର୍ଦ୍ଦେଶ ଦିଆଯାଇଛି କି ସୁଗନ୍ଧ ଲଗାଇ ମସ୍‌ଜିଦ ଆସ । ବରଂ ହଜୁର ସ:ଆ:ସ ତ ଏଭଳି ସତର୍କତା ଅବଲମ୍ବନ କରିବାର ନିର୍ଦ୍ଦେଶ ଦେଇଛନ୍ତି କି, ମସ୍‌ଜିଦ ନିକଟ ଦେଇ କଂଚା ମାଂସ ନେଇ ଅତିକ୍ରମ କରନାହିଁ । *(ସୁନନେ ଇବ୍‌ନେ ମାଜା........ ହଦିସ୍-୭୪୮)* କାରଣ ନମାଜ ପାଠ କରିବାପାଇଁ ଏକ ପବିତ୍ର ଓ ସ୍ୱଚ୍ଛ ବାତାବରଣ ଉପଲବ୍ଧ କରିବା ସମସ୍ତଙ୍କର ଦାୟିତ୍ୱ କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଏହି ବାହାନାରେ ମସ୍‌ଜିଦ୍ ଆସିବା ବନ୍ଦ କରିଦେବା ଓ ନିଜ ପ୍ରକାଶ୍ୟ ଅବସ୍ଥାକୁ ଦେଖି ନିଜ ମନରେ ନିଷ୍ପତି କରିବା ଉଚିତ ଏବଂ ସର୍ବଦା ମନେରଖନ୍ତୁ ସେହି ପ୍ରଭୁ ଆପଣଙ୍କ ଅନ୍ତର ସହ ଖୁବ୍ ଭଲଭାବରେ ଅବଗତ । ତେଣୁ ଯଦି କେହି ବ୍ୟାଧିରେ ଆକ୍ରାନ୍ତ ତେବେ ଡ଼ାକ୍ତର ସହିତ ପରାମର୍ଶ କରି ନିଅନ୍ତୁ ଯେ ସମ୍ପୃକ୍ତ ବ୍ୟକ୍ତି କେଉଁ ରୋଗରେ ଆକ୍ରାନ୍ତ କିନ୍ତୁ ଦିନେ ଦୁଇଦିନ ମସ୍‌ଜିଦ୍ ଆସିବାରୁ ନିବୃତ ରହିବା ମଧ୍ୟ ଶ୍ରେୟସ୍କର ।

ପୁଣି ହାତ ମିଳାଇବା ପରସ୍ପର ସହ ଆଜିକାଲି ଏଥିରୁ ମଧ୍ୟ ନିବୃତ ରହିବା ଉଚିତ କାରଣ ଜଣାନାହିଁ କାହାକୁ କେଉଁ ପ୍ରକାରର ରୋଗ ଥିବ ଯଦିଚ ଏତଦଦ୍ୱାରା ସମସ୍ତ ସମ୍ପର୍କ ସୁଦୃଢ଼ ଓ ନିବିଡ଼ ହୋଇଥାଏ । କିନ୍ତୁ ପରିସ୍ଥିତି ଅନୁକୂଳ କାର୍ଯ୍ୟ କରିବାରେ ଆମର ମଙ୍ଗଳ ହୋଇଥାଏ ପୁଣି ସାଂସାରିକ ଲୋକେ ଯିଏ ହାତ ମିଳାଇବାକୁ ନେଇ ଚିତ୍କାର ଓ ଅନ୍ଦୋଳନ କରୁଥିଲେ ସେମାନେ ଅର୍ଥାତ ପୁରୁଷମାନେ ମଧ୍ୟ ଆଜି ମହିଳାମାନଙ୍କ ସହିତ ହାତ ମିଳାପ କରୁନାହାନ୍ତି । ଏହାକୁ ନେଇ ହାସ୍ୟ କଥା ପ୍ରଚାରିତ ହେଉଅଛି । ବର୍ତମାନ ଜର୍ମାନୀରେ ଚାନ୍‌ସଲରଙ୍କ ସହିତ ତାଙ୍କ ମନ୍ତ୍ରୀ ମଧ ହାତ ମିଳାଇବାକୁ ମନା କରିଦେବାରୁ ତାହାକୁ ନେଇ ଏକ ହାସ୍ୟକଥା ପ୍ରଚାର ପ୍ରସାର ହେଉଅଛି କି, ଏଠାକାର ସାଂସଦମାନେ ମଧ୍ୟ ପରସ୍ପର ସହିତ ହାତ ମିଳାଇ ନାହାନ୍ତି ଓ ଉକ୍ତ ରୋଗରୁ ବର୍ତି ରହିବାପାଇଁ କହୁଛନ୍ତି । ହାତ ମିଳାଇବା ତ ଆମର ପ୍ରଥା ନୁହେଁ ଆମେ ତ ପରସ୍ପରକୁ ସାଲ୍ୟୁଟ୍ କରୁ ଅବା ମୁଣ୍ଡରୁ ଟୋପି ଉଠାଇ ନଇଁ ପଡ଼ିଥାଉ । ମହିଳାମାନଙ୍କ ସହ ହାତ ମିଳାଇବା ଅବା କାନ୍ଧ ମିଳାଇବା କିସ୍ କରିବା ତ ଆମ ପରମ୍ପରାରେ ନାହିଁ ପୁଣି ଜଣାନାହିଁ କେହି ଏପରି ହରକତ କୁ ପସନ୍ଦ କରୁଛି କି ନାହିଁ । ଅନ୍ୟଥାରେ ଜଣଙ୍କ ସହ ଜବରଦସ୍ତି କରିବା ଅନୁଚିତ ଅଟେ । ଏମାନେ ଅଲ୍ଲାଃଙ୍କ କଥା ସ୍ୱୀକାର କରିବାକୁ ରାଜି ନଥିଲେ କିନ୍ତୁ ଏହି ରୋଗ ଅର୍ଥାତ କୋରୋନା ଭାଇରସ ସେମାନଙ୍କୁ ଏଥିରୁ ନିବୃତ ରହିବାକୁ ବାଧ୍ୟ କରିଛି । ଅଲ୍ଲାଃ କରନ୍ତୁ ସେମାନଙ୍କ ଧ୍ୟାନ ନିଜ ପାଳନକର୍ତାଙ୍କ ପ୍ରତି କେନ୍ଦ୍ରିଭୁତ ହେଉ ଯେତେବେଳେ ଆମେ ଅତି ନମ୍ରତାର ସହ କହୁଥିଲୁ ଯେ, ପୁରୁଷ ମହିଳାଙ୍କର ଏପରି ଅବାଧ ମିଳାମିଶା କରିବା ଅନୁଚିତ ଅଲ୍ଲାଃ ଓ ରସୁଲ୍ ଏପରି କରିବାକୁ ମନା କରିଛନ୍ତି ସେତେବେଳେ ଏମାନେ ଚିତ୍କାର କରୁଥିଲେ ଆନ୍ଦୋଳନ କରୁଥିଲେ ଓ ଏହାର ପ୍ରତିବାଦ କରୁଥିଲେ କିନ୍ତୁ ବର୍ତମାନ ସହମତି ପ୍ରକାଶ କରୁଛନ୍ତି ଯେ, ସେ ଯାହା ହେଉ କୋରୋନା ସଙ୍କ୍ରମଣ ଏମାନଙ୍କର ଏହି ମତକୁ ଏହି ଧାରଣାକୁ ସଶୋଂଧନ କରିଦେଇଛି ।

ଅଲ୍ଲାଃ ତାଲା ଜାଣନ୍ତି ଏହି ରୋଗ ଆହୁରି କିଭଳି ରୂପେ ବ୍ୟାପିବ ଓ କେଉଁ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ ରହିଛି । ଯଦି ଏହା ପ୍ରଭୁଙ୍କ ଅତିଷ୍ଠ ହେବା ଯୋଗୁଁ ପ୍ରକାଶ୍ୟ ତେବେ ଆମେ ଦେଖୁଅଛୁ କି ବିଭିନ୍ନ କିସମର ରୋଗ ଭୂମିକମ୍ପ, ତୁଫାନ୍ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଆଗମନ ପରେ ବଢ଼ିଚାଲିଛି । ତେଣୁ ପ୍ରଭୁଙ୍କ ଶରଣାଗତ ହେବା ଅତ୍ୟନ୍ତ ଜରୁରୀ ଏହି ଦିନ ମାନଙ୍କରେ ପ୍ରତ୍ୟେକ ଅହେମଦୀମାନଙ୍କୁ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିଭୁତ କରିବା ଉଚିତ ଏବଂ ନିଜ ଆଧ୍ୟାତ୍ମିକ ସ୍ତରକୁ ଅଭିବୃଦ୍ଧି କରିବା ଉଚିତ ସମଗ୍ର ବିଶ୍ୱବାସୀଙ୍କୁ ମଧ୍ୟ ନିଜ ନିଜର ଦୁଆ (ଅର୍ଥାତ ପ୍ରାର୍ଥନା)ରେ ମନେ ରଖିବା ଉଚିତ ଅଲ୍ଲାଃ ତାଲା ସେମାନଙ୍କୁ ସତ୍ ପଥ ପଦର୍ଶନ କରାନ୍ତୁ ସେମାନେ ସାଂସାରିକ ଭୋଗବିଳାସରେ ବୁଡ଼ି ରହିବା ପରିବର୍ତେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ।

ବର୍ତମାନ ମୁଁ କିଛି ଯନାଜାଃ ଗାଏବ ପାଠ କରିବି ପ୍ରଥମଟି ହେଉଛି ପ୍ରୀୟ ତନ୍‌ଜିଲ୍ ଅହମଦ୍ ବଟ୍ଟ ପିତା ଅକିଲ୍ ଅହମଦ୍ ବଟ୍ଟ ସାହେବଙ୍କର । ସେ ମାତ୍ର ୧୧ ବର୍ଷର ବାଳକ ଥିଲା ଯାହାର ୨୭ ଫେବୃୟାରୀ ୨୦୨୦ରେ ଦେହାନ୍ତ ଘଟିଛି । ମୁଁ ମତରେ ସେ ଶହୀଦ ହୋଇଛି । ଘଟଣାଟି ଏପରି ଘଟିଲା କି, ସେ ଦେହ୍‌ଲି ଗେଟ୍ ଲାହୋର କଲୋନୀରେ ରହୁଥିଲା ପଡ଼ୋଶୀର ଜଣେ ମହିଳା ଉକ୍ତ ତାରିଖରେ ଖୁବ୍ ନୃଶଂସଭାବରେ ତାଙ୍କୁ ହତ୍ୟା କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ସେଠାକର ମୌଲବୀମାନେ ଅହେମଦୀମାନଙ୍କୁ କୌଣସି ପ୍ରକାରେ ହତ୍ୟା କରିବାକୁ ସହଜ ସରଳ ମନେ କରୁଛନ୍ତି । ସହଜ ଓ ସରଳ କରିଦେଇଛନ୍ତି ଏହି ଲୋମ ହର୍ଷଣ କାରି ଘଟଣା ତାହାର ସାକ୍ଷ୍ୟ ଅଟେ । ଅଲ୍ଲାଃ ତାଲା ବାଳକକୁ ଶହୀଦ ମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ କରନ୍ତୁ । ନିରୀହ ପିଲା ଯାହାର କୌଣସି ଦୋଷ ନାହିଁ ଏପରି ପିଲାଙ୍କୁ ମଧ୍ୟ ଏହି ଅତ୍ୟାଚାରୀମାନେ ଛାଡୁନାହାନ୍ତି ।

ଘଟଣା ଦିନ ପ୍ରୀୟ ତନ୍‌ଜିଲ୍‌ଙ୍କୁ ତାଙ୍କ ମାତା ନିଜ ସାନ ଭଉଣୀର କଣ୍ଢେଇ ଆଣିବାପାଇଁ ପଡ଼ୋଶୀ ଘରକୁ ପଠାଇଥିଲେ ଯିଏ ତାହା ସେଠାରେ ଛାଡ଼ି ଆସିଥିଲା । ସେହି ଘରେ ଯିବା ଆସିବା ଲାଗି ରହିଥିଲା । କଣ ହେଲା କେଜାଣି ତାଙ୍କ ମନରେ କେଉଁ ଭାବ ଉତ୍ପନ୍ନ ହେଲା । ତାହା ଅଲ୍ଲାଃ ତାଲା ଜାଣନ୍ତି ଗୋଟିଏ ଦିନ ପୂର୍ବରୁ ସେଠାରେ ଛାଡ଼ି ଆସିଥିଲା ତା' ଭଉଣୀ ନିଜ କଣ୍ଢେଇ ତାହାକୁ ଆଣିବାପାଇଁ ତାଙ୍କ ମାତା ପଠେଇଥିଲେ ଯା' କଣ୍ଢେଇ ନେଇ ଆସ ବୋଲି । ଅନେକ ସମୟ ପ୍ରତିକ୍ଷା କରିବାପରେ ଯେତେବେଳେ ବାଳକଟି ଫେରିଲା ନାହିଁ । ସେତେବେଳେ ତା ମାତା ତା ନିଜ ପଡ଼ୋଶୀଙ୍କ ଘରକୁ ଗଲେ । ପ୍ରଥମେ ତ ପଡ଼ୋଶୀ ଜଣଙ୍କ ତାଙ୍କ ଘର କବାଟ ଖୋଲିଲେ ନାହିଁ ଏବଂ ଅନେକ ସମୟ ପରେ କବାଟ ଫିଟାଇଲେ ତେବେ ତାଙ୍କ ମାତା ନିଜ ପୁତ୍ର ବିଷୟରେ ପଚାରିବାରୁ ପଡ଼ୋଶୀ ଜଣକ ଉତର ଦେଲେ ସେ କଣ୍ଢେଇ ନେଇ ଚାଲିଯାଇଛି । ପ୍ରତି ଉତରରେ ମୃତକ ପିଲାର ମାତା ନିଜ ସ୍ୱାମୀ ଅକିଲ୍ ସାହେବଙ୍କୁ ସୁଚିତ କଲେ । ସେ ଯଥା ଶିଘ୍ର ଯମାତ୍‌ର ପ୍ରଶାସନ ସହିତ ମିଶି ପିଲାର ସନ୍ଧାନରେ ଲାଗିପଡ଼ିଲେ ଏବଂ ଏ ସଂକ୍ରାନ୍ତରେ ଥାନାରେ F.I.R ଦେଲେ ପୁନଶ୍ଚ ଯେତେବେଳେ ଗଳିର ସିସିଟିଭିର କ୍ୟାମେରାକ ଚେକ୍ କରାଗଲା ସେତେବେଳେ ଏହା ଦେଖିବାକୁ ମିଳିଲା ଯେ ସେହି ବାଳକଟି ପଡ଼ୋଶୀଘରକୁ ଯାଇଥିଲା ସତ କିନ୍ତୁ ସେଠାରୁ ସେ ଆଉ ଫେରି ନଥିଲା । ଏହାର ଜବାବରେ ପୋଲିସ୍ ସାହାଯ୍ୟରେ ଘର ସନ୍ଧାନ କରାଗଲା । ତେବେ ଏକ ଟ୍ରଙ୍କରୁ ପିଲାର ଶବ ଉଦ୍ଧାର କରାଯାଇଥିଲା । ପୋଲିସର କହିବା ଅନୁଯାୟୀ ତାଙ୍କ ହତ୍ୟାକାରୀ ମହିଳା ତାଙ୍କ ସ୍ୱାମୀ ପୋଲିସ୍ କୁ ପୂର୍ବରୁ କହିଦେଇଥିଲା ଯେ, ତାଙ୍କ ସ୍ତ୍ରୀ ପିଲାଟାକୁ ହତ୍ୟା କରି ଏକ ଟ୍ରଙ୍କରେ ଲୁଚାଇ ଦେଇଛି । ସେହି ହତ୍ୟାକାରୀ ମହିଳା ଓ ଘର ମାଲିକର ପୁଅ ସହିତ ମିଶି ସେହି ପିଲାକୁ ହତ୍ୟା କରିଥିଲେ ସେମାନେ ଉଭୟ ନିଜ ଦୋଷକୁ ସ୍ୱୀକାର କରି ନେଇଛନ୍ତି ।

ସ୍ୱଗର୍ତ ବାଳକ ତନ୍‌ଜିଲ୍ ଅହମଦ୍ ଭଟ୍ଟ ୨୦୦୯ ମସିହା ନଭେମ୍ବର ମାସ ୨୦ ତାରିଖରେ ଲାହୋର୍‌ଠାରେ ଜନ୍ମଗ୍ରହଣ କରିଥିଲେ । ସେ ଓ୍ୱକ୍‌ଫେ ନୌର ପବିତ୍ର ତହ୍‌ରିକ୍‌ରେ ସାମିଲ ଥିଲା । ସେ ନିଜ ଶ୍ରେଣୀରେ ଜଣେ ବୁଦ୍ଧିମାନ ଛାତ୍ର ଭାବେ ପରିଗଣିତ ହେଉଥିଲେ । ସେ ୪ର୍ଥ ଶ୍ରେଣୀର ବିଦ୍ୟାର୍ଥୀ ଥିଲେ ଏବଂ ତା ବିୟୋଗପରେ ଯେତେବେଳେ ତା'ର ଫଳାପଳ ଆସିଲା । ସେତେବେଳେ ସେ ୭୫୦ ନଂ ରୁ ୭୨୯ ନଂ ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସ୍ୱର୍ଗତ ପିଲାର ମାତା କହିଲେ ଯେ, ମୋ ପିଲାମାନଙ୍କ ମଧ୍ୟରୁ ତନ୍‌ଜିଲ୍ ମୋର ସବୁଠାରୁ ଅଧିକ ଆଜ୍ଞାକାରୀ ପିଲା ଥିଲା ଏବଂ ଯେକୌଣସି କାମ କହିବା ପୂର୍ବରୁ ସର୍ବଦା ମୋର ଯେକୌଣସି କାର୍ଯ୍ୟ କରିବାପୂର୍ବରୁ ସର୍ବଦା ମୋର ଅନୁମତି ଲୋଡୁଥିଲା । ଯଦି କୌଣସି ପଡ଼ୋଶୀ ଲୋକ କିମ୍ବା ଯମାତ୍‌ର କୌଣସି ନିର୍ବାହୀ ଅଧିକାରୀ ତାକୁ କୌଣସି କାମ କରିବାକୁ କହୁଥିଲେ ସେ ଶୀଘ୍ର ସେହି କାମକୁ କରିଦେଉଥିଲା ଏବଂ କେବେ ଅରାଜି ହେଉନଥିଲା ଏପରିକି ହତ୍ୟାକାରୀ ମହିଳା ମଧ୍ୟ ତା'ଠାରୁ ବେଳେବେଳେ କାମ ଆଦାୟ କରୁଥିଲା ଏବଂ ଏହି ମୃତକ ବାଳକ ମଧ୍ୟ ତାର ଆଜ୍ଞାପାଳନ କରି ତା କାମ କରୁଥିଲା । ସ୍କୁଲ୍‌ର ଶିକ୍ଷକ ଓ ଯମାତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ବାଳକ ଉପରେ ଅତ୍ୟନ୍ତ ପ୍ରସନ୍ନ ଥିଲେ ସେମାନେ ସର୍ବଦା ତା'ର ପ୍ରଶଂସା କରୁଥିଲେ । ସେହି ବାଳକ ସର୍ବଦା ଏମ୍‌ଟିଏର କାର୍ଯ୍ୟକ୍ରମ ନିୟମିତ ରୂପେ ଦେଖୁଥିଲା । ବିଶେଷକରି କୁନିପିଲାଙ୍କର କାର୍ଯ୍ୟକ୍ରମ ଓ ଖୁତ୍‌ବା ଇତ୍ୟାଦି ନିୟମିତ ନମାଜ ପାଠ କରିବା ମସ୍‌ଜିଦ୍ ଯିବା ଆଦି ତା'ର ବିଶେଷ ଗୁଣ ଥିଲା । ମୃତକ ବାଳକର ପିତା ଯେତେବେଳେ ଫ୍ୟାକ୍‌ଟ୍ରିରୁ ଥକି ଘରକୁ ଫେରୁଥିଲେ ଏବଂ ମସ୍‌ଜିଦ୍ ଯିବାକୁ ଟିକିଏ ବିଳମ୍ବ କରୁଥିଲେ ସେତେବେଳେ ତାଙ୍କର ପୁତ୍ର ତାଙ୍କୁ ଜବରଦସ୍ତି ଅଝଟ କରି ତାଙ୍କୁ ମସ୍‌ଜିଦ୍ ନେଇଯାଉଥିଲେ । ସ୍ୱର୍ଗତ ବାଳକଙ୍କ ଘରେ ତାଙ୍କ ପିତା ଅକିଲ୍ ଅହମଦ୍ ଭଟ୍ଟ ମାତା ନାଏଲା ଓ ଚାରିଜଣ ଭାଇଭଉଣୀ ଅଛନ୍ତି । ତନ୍ମଧ୍ୟରୁ ଦୁଇଜଣ ଭାଇ ଓ ଦୁଇଜଣ ଭଉଣୀ ଥିଲେ । ଅଲ୍ଲାଃ ତାଲା ତାଙ୍କୁ ନିଜର ସାନିଧ ପ୍ରଦାନ କରନ୍ତୁ ଓ ହତ୍ୟାକାରୀଙ୍କୁ ଯଥା ଶାସ୍ତି ପ୍ରଦାନ କରନ୍ତୁ ଏବଂ ତା' ପିତାମାତଙ୍କୁ ଧର୍ଯ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ବ୍ରିଗେଡ଼ିଅର୍ ବଶିର୍ ଅହମଦ୍ ସାହେବଙ୍କର ଯିଏ କି ରାଉଲ୍‌ପିଣ୍ଡିର ପୂର୍ବତନ ଅମୀର ଥିଲେ । ସେ ଡକ୍ଟର ମୁହମ୍ମଦ୍ ଅବଦୁଲ୍ଲାଃ ସାହେବଙ୍କର ସୁପୁତ୍ର ଥିଲେ । ତାଙ୍କର ଫେବୃୟାରୀ ମାସ ୧୬ ତାରିଖ ଦିନ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସ୍ୱର୍ଗତ ବଶୀର ସହେବ୍ ଜଣେ ମୁସୀ ଥିଲେ ସ୍ୱର୍ଗତଙ୍କ ପରିବାର ତାଙ୍‌କ ସ୍ତ୍ରୀ ବ୍ୟତି୍‌ତ ତାଙ୍କର ଦୁଇ ପୁତ୍ର ଏବଂ ତିନୋଟି ପୁତ୍ରୀ ଅଛନ୍ତି ।

ବ୍ରିଗେଡ଼ିଅର୍ ବଶିର୍ ଅହମଦ୍ ସାହେବ ୧୯୩୧ ମସିହାରେ ଗୁଜୁରାଟ ଜିଲ୍ଲାରେ ଏକ ନିଷ୍ଠାପର ବଂଶରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଡ଼କ୍ଟର ମହମ୍ମଦ ଅବ୍‌ଦୁଲ୍ଲାଃ ସାହେବ୍ ନିଜେ ବୟତ କରି ସିଲ୍‌ସିଲା ଅହେମଦୀୟାରେ ଅର୍ନ୍ତଭୁକ୍ତ ହୋଇଥିଲେ । ପ୍ରାରମ୍ଭିକ ଶିକ୍ଷା କାଦିୟାନରୁ ପ୍ରାପ୍ତ କରିଥିଲେ ଏବଂ ୧୯୪୭ ମସିହାରେ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ୧୯୫୨ ମସିହାରେ ପାକିସ୍ତାନରେ ମିଲ୍‌ଟାରୀ ଏକାଡ଼େମୀରେ Sixth-Long Course ରେ ପାକିସ୍ତାନ ସେନାବାହିନୀରେ କମିଶନ୍ ଭାବରେ ଅଧିଷ୍ଠିତ ହୋଇଥିଲେ । ୧୯୮୨ ମସିହାରେ ସେନାରେ ବ୍ରିଗେଡ଼ିଅର୍ ଭାବରେ ଅବସର ନେଇଥିଲେ । ପୁନଶ୍ଚ ଏକ ଦୀର୍ଘକାଳ ଧରି ଇସ୍‌ଲାମ୍‌ବାଦ୍‌ର ପଲିସି ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ଭାବରେ ସେବା କରି ନିଜର କର୍ମମୟ ଜୀବନକୁ ଅତିବାହିତ କରିଥିଲେ ଏହିପରି ଭାବେ ସେ ୬୬ ବର୍ଷ ପର୍ଯ୍ୟନ୍ତ ଦେଶ ସେବା କରିଥିଲେ ।

ବ୍ରିଗେଡ଼ିଅର୍ ସାହେବ ଜମାତ୍‌ରେ ଯେଉଁ ବିଭିନ୍ନ ସେବା ସମ୍ପାଦନ କରିଛନ୍ତି ତାହା ଏପରି ୨୦୦୯ ମସିହାରେ ମୁଁ ତାଙ୍କୁ ରାଉଲପିଣ୍ଡିର ଅମୀର ରୂପେ ନିଯୁକ୍ତ କରିଥିଲି । ସେ ୨୦୨୦ ମସିହା ଫେବୃୟାରୀ ମାସ ୯ ତାରିଖ ପର୍ଯ୍ୟନ୍ତ ରାଉଲପିଣ୍ଡି ସହର ଓ ଜିଲ୍ଲାର ଅମୀର ରୂପେ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି । ୧୯୭୯ ମସିହାରେ ତାଙ୍କର ବଦଳି ରାଉଲପିଣ୍ଡି ହୋଇଥିଲା । ସେ ୧୬ ବର୍ଷ ପର୍ଯ୍ୟନ୍ତ ନାଏବ ଅମୀର ଓ ଯମାତ୍‌ର ଶିକ୍ଷା ସଚିବ ରାଉଲପିଣ୍ଡି ସହର ଓ ଜିଲ୍ଲାର ସେବା କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଫଜଲେ ଉମର୍ ଫାଉଣ୍ଡେସନର ନିର୍ଦ୍ଦେଶକ ଓ ମଜଲିସ୍ ସୁରାଃର ବିଭିନ୍ନ କମିଟିର ସଦସ୍ୟ ଥିଲେ । ସ୍ୱର୍ଗତ ବିଗ୍ରେଡ଼ିଅର ସାହେବ ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତି ଥିଲେ ଏବଂ କର୍ମଠ ସେବାକାରୀ ବ୍ୟକ୍ତି ଥିଲେ । ଅତ୍ୟନ୍ତ ମେଳାପି, କୃପାଳୁ, ଦୟାଳୁ ମାନବସେବା ଅସହାୟ ମାନଙ୍କର ସହାୟତା କରିବା ଓ ତାଙ୍କ ହୃଦୟ ଜିଣିବା ତାଙ୍କର ବିଶେଷ

ଗୁଣ ଥିଲା ଧର୍ମ ସେବା ବିଷୟରେ ଅତ୍ୟନ୍ତ ନୀତିବାନ ଓ ସମୟାନୁବର୍ତିତା ଥିଲେ । ସେ ନିଜେ ତ୍ୱରାନିତଭାବେ ସେବା କରୁଥିଲେ ଏବଂ ନିଜର ବନ୍ଧୁ ଓ ସାଥୀମାନଙ୍କୁ ମଧ୍ୟ ଏପରି କରିବାପାଇଁ ପ୍ରେରିତ ବା ଉତ୍ସାହିତ କରୁଥିଲେ । ସେ କେବଳ ଧର୍ମ କାର୍ଯ୍ୟରେ ଅବହେଳାକୁ ପସନ୍ଦ କରୁନଥିଲେ ବରଂ ଅନ୍ୟ କାର୍ଯ୍ୟରେ ମଧ୍ୟ ଅବହେଳାକୁ କଦାପି ସହ୍ୟ କରୁନଥିଲେ । ନିଜର ମଜ୍‌ଲିସ୍ ଆମେଲା ମେମ୍ବରମାନଙ୍କୁ ଯେଉଁ ଦାୟିତ୍ୱ ହସ୍ତାନ୍ତର କରୁଥିଲେ ସମୟ ଆସିଲେ ନିଶ୍ଚିତରୂପେ ଫଲୋଅପ୍ କରୁଥିଲେ ଏବଂ ଅତ୍ୟନ୍ତ ପ୍ରାର୍ଥନା ପ୍ରୀୟ ଉପାସକ ଏବଂ ଖିଲାଫତ୍ ସହିତ ପ୍ରେମପୂର୍ଣ୍ଣ ଭାବ ଏବଂ ନିଷ୍କପଟ ଅସ୍ତିତ୍ୱର ଅଧିକାରୀ ଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ତାଙ୍କର ସ୍ମରଣ ଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ଆଁ ହଜ୍‌ରତ୍ ସ:ଆ:ସ ଓ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ପ୍ରେମୀକ ଥିଲେ ଏବଂ ନିଜକୁ ଅହେମଦୀ ହୋଇଥିବା ଯୋଗୁଁ ସର୍ବଦା ଆଲ୍ଲାଃ ତାଲାଙ୍କ କୃତଜ୍ଞତା କରୁଥିଲେ । ତାଙ୍କ ମୁଣ୍ଡ ପାଖରେ କୋରାନ୍, ହଦୀସ୍ ଓ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ପୁସ୍ତକମାନ ସର୍ବଦା ବିଦ୍ୟମାନ ରହୁଥିଲା । ସେ ପ୍ରଚଣ୍ଡ ଜ୍ଞାନ ଓ ଅଧ୍ୟୟନର ଅଧିକାରୀ ଥିଲେ । ଗରିବ ଭାଇମାନଙ୍କୁ ମନଖୋଲି ଓ ନୀରବତା ପୂର୍ଣ୍ଣ ହୋଇ ସାହାଯ୍ୟ କରୁଥିଲେ ବିଶେଷକରି ବିଧବାମାନଙ୍କ ଆବଶ୍ୟକତା ତଥା ଅଭାବ ଅସୁବିଧାକୁ ଦୂର କରିବାପାଇଁ ସର୍ବଦା ଚିନ୍ତିତ ରହୁଥିଲେ ଏବଂ ସର୍ବଦା ସାହାଯ୍ୟ ପାଇଁ ପ୍ରସ୍ତୁତ ରହୁଥିଲେ । ଅନେକ ବଂଶ ତାଙ୍କର ନିତ୍ୟ ତଥା ନୈମିତିକ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଉପକୃତ ହେଉଥିଲେ ଏବଂ ସେ ଏଭଳି ପ୍ରୋତ୍ସାହିତ କରୁଥିଲେ ଯେ ଜଣେ ବ୍ୟକ୍ତି ଉଲ୍ଲେଖ କରନ୍ତି ଯେ ତାଙ୍କ ଦୋକାନରେ ନିଆଁ ଲାଗିଗଲା ତାଙ୍କର ବହୁତ କ୍ଷୟକ୍ଷତି ଘଟିଥିଲା । ତେବେ ସେତେବେଳେ ବିଗ୍ରେଡ଼ିଅର ସାହେବ୍ ନୀରବ ରୂପେ ଏକ ମୋଟା ଅର୍ଥ ତାଙ୍କୁ ପ୍ରଦାନ କରିଥିଲେ ଏହାର ଚର୍ଚ୍ଚା ପରେ ଯେମିତି ନ ହୁଏ ସେଥି ପ୍ରତି ମଧ୍ୟ ସେ ତାଙ୍କୁ କହିଥିଲେ । ପୁନଶ୍ଚ ଯେତେବେଳେ ସେ ସେହି ବ୍ୟକ୍ତି ଘରେ ଯାଇ ଲିଫାପା ଖୋଲିଲେ ସେତେବେଳେ ସେଥିରେ ଦୁଇଲକ୍ଷ ଟଙ୍କା ଥିଲା ଏବଂ ଯେତେବେଳେ ସେ ସେହି ଟଙ୍କାକୁ ବିଗ୍ରେଡ଼ିଅର ସାହେବଙ୍କୁ ଫେରସ୍ତ କରିବାକୁ ଚାହିଁଲେ ସେତେବେଳେ ବ୍ୟବସାୟୀ ଜଣଙ୍କ ଅର୍ଥ ଦେଖି ବିଗ୍ରେଡ଼ିଅର ସାହେବ କହିଲେ ମୁଁ ତ ଆପଣଙ୍କୁ କୌଣସି ଟଙ୍କା ଦେଇନାହିଁ ଅବା ଯଦି ଦେଇଥିବି ଫେରସ୍ତ କରିବା ଉଦ୍ଦେଶ୍ୟରେ ଦେଇନଥିଲି ।

ସେହିପରି ରାଉଲପିଣ୍ଡିର ଜଣେ ମୁବ୍‌ଲିଗ୍ ସାହେବ ଯାହାଙ୍କ ନାମ ତାହେର୍ ମେହମୁଦ୍ ସାହେବ ସେ ଉଲ୍ଲେଖ କରିଛନ୍ତି ଯେ ଅମୀର ସାହେବ୍ ଅତ୍ୟନ୍ତ ଶାନ୍ତସ୍ୱଭାବର ବ୍ୟକ୍ତି ଥିଲେ ଦୟାଳୁ ହୃଦୟ ଏବଂ କମ୍ କଥା କହୁଥିବା ଅତ୍ୟନ୍ତ ପ୍ରାର୍ଥନା ପ୍ରୀୟ ବ୍ୟକ୍ତି ଥିଲେ । ଶୁକ୍ରବାର ଦିନ ଜୁମା, ନମାଜର ବହୁ ପୂର୍ବରୁ ଏଠ୍ୱାନେ ତାହେର୍‌କୁ ଚାଲିଆସୁଥିଲେ ଏବଂ ଅତ୍ୟନ୍ତ ବିନୀତ ଓ କୋହଭରା କଣ୍ଠରେ ନଫିଲ୍ ନମାଜ ପାଠ କରୁଥିଲେ । ସେ ଯେଉଁଠି ସଂସ୍କାରିତ ହୋଇଥିଲେ ଓ କାଲାତିପାତ କରୁଥିଲେ ଶିଘ୍ରଶିଘ୍ର ନମାଜ ପଢୁଥିବା ବ୍ୟକ୍ତିମାନଙ୍କୁ କାଦିୟାନର ସାହାବା ଓ ବ୍ୟୟଜ୍ୟୋଷ୍ଠ ବ୍ୟକ୍ତିମାନଙ୍କର ବିଶ୍ୱାସବର୍ଦ୍ଧକ ଘଟଣା ଶୁଣାଉଥିଲେ । ସେ ଅଟକି ଅଟକି ନମାଜ ପଢୁଥିବା ବ୍ୟକ୍ତିମାନଙ୍କୁ ଖୁସୀ ବ୍ୟକ୍ତ କରୁଥିଲେ । ମସ୍‌ନୁନ୍ ଦୁଆ ସହିତ ତସ୍‌ବିଲ୍ ଆଦି କରୁଥିଲେ ସେ ସ୍ୱୟମ୍ ଦୁଆ କରିବା ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ପଢୁଥିଲେ ଲୋକମାନଙ୍କୁ ନମାଜ ଆଡ଼କୁ ଆମନ୍ତ୍ରିତ କରୁଥିଲେ ଏବଂ ଲୋକମାନଙ୍କୁ ନମାଜ ପ୍ରତି ସଚେତ କରୁଥିଲେ । ଅଭାବି ବ୍ୟକ୍ତି ଓ ବନ୍ଧୁମାନଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କ ସମ୍ପର୍କରେ ଅନେକ କଥା ଅନେକ ବ୍ୟକ୍ତି ଉଲ୍ଲେଖ କରିଛନ୍ତି । ଯଦି କୌଣସି ବ୍ୟକ୍ତି ତାଙ୍କୁ କୃତଜ୍ଞତା ଜଣାଉଥିଲା ସେ ତାଙ୍କୁ ଏପରି କରିବା ପାଇଁ ମନା କରି ଦେଉଥିଲେ ଏବଂ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ପୁସ୍ତକ ପଠନ କରିବାକୁ ଭଲ ପାଉଥିଲେ ଏବଂ ମସିହ ମଉଦ ଆ:ସଙ୍କର ପରିଚିତ ପୁସ୍ତକଗୁଡ଼ିକରୁ ଅନେକ ବିଶେଷ ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଧାର କରି ମିଟିଙ୍ଗରେ ଉପସ୍ଥାପନ କରୁଥିଲେ । ସେ ଫଜଲେ ଉମର୍ ଫାଉଣ୍ଡେସନର ନିର୍ଦ୍ଦେଶକ ଥିଲେ । ସେହି ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ର ସଚିବ ନାସିର୍ ଶମ୍‌ସ୍ ସାହେବ ଉଲ୍ଲେଖ କରିଛନ୍ତି ଯେ, ୨୦୧୧ ମସିହାରେ ପ୍ରଥମାର୍ଦ୍ଧରୁ ୨୦୧୯ର ଶେଷ ପର୍ଯ୍ୟନ୍ତ ସେ ଫଜ୍‌ଲେ ଉମର୍‌ର ଫାଉଣ୍ଡେସନର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବୋର୍ଡ଼ ଅଫ୍ ଡ଼ାଇରେକ୍ଟରର ସମସ୍ତ ଜଲ୍‌ସାଗୁଡ଼ିକରେ ବାର୍ଦ୍ଧକ୍ୟବସ୍ଥା ଦୁର୍ବଳତା ଓ ପରିଣତ ବୟସରେ ମଧ୍ୟ ଏପରି ଅବନତୀ ସ୍ୱାସ୍ଥ୍ୟବସ୍ଥା ସତ୍ୱେ ସେ ନିୟମିତରୂପେ ସେହି ମିଟିଙ୍ଗ ଏବଂ ଜଲ୍‌ସାରେ ସାମିଲ ହେଉଥିଲେ । ତାଙ୍କର ଦୁଆ ଓ ପରାମର୍ଶରୁ ଅନେକ ମାର୍ଗଦର୍ଶନ ମିଳୁଥିଲା । ସ୍ୱର୍ଗତ ବିଗ୍ରେଡ଼ିଅର ସାହେବ୍ ନିଷ୍କପଟ, ଧର୍ମପରାୟଣ, ଖିଲାଫତ୍ ଓ ସତ୍ୟନିଷ୍ଠ ଓ ବିଶ୍ୱସ୍ତ ସେବକ ଥିଲେ । ତାଙ୍କର ପ୍ରମୁଖ ଗୁଣାବଳୀଗୁଡ଼ିକର ବିଶ୍ୱସ୍ତତା ଏପରିଥିଲା ମୁଁ ସ୍ୱୟମଂ ଏହା ଅନୁଧ୍ୟାନ କରିଅଛି ଯେ ତାଙ୍କର ଅଲ୍ଲାଃ ତାଲା ସହିତ ଦୃଢ଼ ସମ୍ପର୍କ ଓ ବିନମ୍ର ହୋଇ ନମାଜ ପାଠ କରିବା ବିଶେଷଗୁଣ ଥିଲା । ଅଲ୍ଲାଃ ତାଲା ସ୍ୱର୍ଗତ ବିଗ୍ରେଡ଼ିଅରଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତି କରନ୍ତୁ । ତାଙ୍କର ସନ୍ତାନମାନଙ୍କୁ ମଧ୍ୟ ତାଙ୍କର ପୂଣ୍ୟକାର୍ଯ୍ୟ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍

ତୃତୀୟ ଯନାଜାଃ ହେଉଛି ଡ଼କ୍ଟର ହମିଦୁଦ୍ଦିନ୍ ସାହେବଙ୍କର ଯିଏ କି ଫଏସଲାବାଦର ଅଧିବାସୀ ଥିଲେ ୨୦୨୦ ମସିହା ଫେବୃୟାରୀ ମାସ ୨୦ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ସ୍ୱର୍ଗତଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତା ସମ୍ମାନୀୟ ମୁହମ୍ମଦ୍ ଦୀନ୍ ସାହେବ୍ ଓ ସମ୍ମାନୀୟ ଫତେହ ଉଦ୍ଦିନ୍ ସାହେବଙ୍କୁ ହର୍‌ସିୟାଂ ଜିଲ୍ଲା ଗୁର୍‌ଦାସପୁର ମିଳିତଭାବେ ବୟତ କରି ଯମାତ୍‌ରେ ସାମିଲ ହୋଇଥିଲେ । ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନୀ ର:ଅଙ୍କ ସମୟରେ ବୟତ କରିଥିଲେ । ସ୍ୱର୍ଗତ ହମିଦୁଦ୍ଦିନ୍ ସାହେବ କାଦିୟାନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ଚର୍ଚ୍ଚା ହଜ୍‌ରତ୍ ମୌଲାନା ମୁହମ୍ମଦ ଇବ୍ରାହିମ୍ ସାହେବ୍ କାଦିୟାନୀ ଯିଏ କି, ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସାହାବି ଥିଲେ । ସେ ଖ୍ରୀଷ୍ଟଧର୍ମର ଜଣେ ପ୍ରଶିଦ୍ଧ ବିଦ୍ୱାନ ଥିଲେ ଓ ଦୀର୍ଘକାଳ ଧରି ମଦର୍ସା ଅହେମଦୀୟା କାଦିୟାନ୍‌ରେ ଶିକ୍ଷକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଦେଶ ବିଭାଜନ ପରେ ଅର୍ଥାତ ଭାରତ ପାକିସ୍ତାନ ହେବାପରେ ସ୍ୱର୍ଗତଙ୍କ ବଂଶ ଫୈସଲାବାଦରେ ଅବସ୍ଥାପିତ ହୋଇଥିଲା । ବୃତିରେ ସେ ଡ଼ିସ୍‌ପେନ୍ସର ଅର୍ଥାତ ଔଷଧ ବିତରକ ଥିଲେ ଏବଂ ଏହି ବୃତିବଳରେ ତାଙ୍କୁ ସମଗ୍ର ଅଂଚଳରେ ରୋଗୀ ସେବା କରିବାର ସୌଭାଗ୍ୟ ମିଳିଥିଲା । ଅଭାବି ବ୍ୟକ୍ତିମାନଙ୍କୁ ମାଗଣାରେ ଚିକିତ୍ସା ପ୍ରଦାନ କରୁଥିଲେ । ଅତ୍ୟନ୍ତ ସାଧାରଣ ସ୍ୱଭାବ ସମ୍ପନ୍ନ ବ୍ୟକ୍ତି ଈଶ୍ୱରପ୍ରେମୀ ନିୟମିତ ରୂପେ ରୋଜା ଓ ନମାଜ ପାଠକାରୀ ବ୍ୟକ୍ତି ଥିଲେ । ଅଲ୍ଲାଃ ତାଲାଙ୍କର ନିଦର୍ଶନ ସ୍ଥାନକୁ ସମ୍ମାନ ଜଣାଉଥିଲେ । ସେ ଖିଲାଫତ୍‌କୁ ଭଲ ପାଉଥିଲେ ଅତ୍ୟନ୍ତ ନମ୍ର ଏବଂ ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ଜଣେ ଇମାନ୍‌ଦାର ଓ ସଚ୍ଚୋଟ ବ୍ୟକ୍ତି ଥିଲେ । ସେ କେବେ କାହାରିକୁ କୌଣସି କଥା ପାଇଁ ମନା କରୁନଥିଲେ । ଜଣେ ସୁଭଚିନ୍ତକଭାବେ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କୁ ଯମାତ୍‌ର ବିଭିନ୍ନ ପଦବୀରେ ସେବା କରିବାର ସୌଭାଗ୍ୟ ଅର୍ଜନ ହୋଇଛି । ତାଙ୍କର ଜଣେ ପୁତ୍ର କରିମ୍‌ଦ୍ଦିନ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଆଜିକାଲି ତାନ୍‌ଜାନିୟାରେ ସେବା ସମ୍ପାଦନ କରୁଛନ୍ତି । କର୍ମ କ୍ଷେତ୍ରରେ ବ୍ୟସ୍ତ ରହିବା ଯୋଗୁଁ ପିତାଙ୍କ ଯନାଜାଃରେ ସାମିଲ ହୋଇପାରିଲେ ନାହିଁ । ତାଙ୍କର ଜ୍ୱାଇଁ ମୂବ୍‌ଲିଗ ସିଲ୍‌ସିଲା ଅଟନ୍ତି ଆଉ ଜଣେ ଜ୍ୱାଇଁ ମୁଅଲିମ୍ ସିଲ୍‌ସିଲା ଅଟନ୍ତି । ତାଙ୍କର ନାତି ଜାମିୟା ଅହେମଦୀୟା ରବ୍‌ୱାର ଶେଷବର୍ଷର ବିଦ୍ୟାର୍ଥୀ । ସେହିପରି ତାଙ୍କର ଅନେକ ନାତି ନାତୁଣିମାନେ ଅଛନ୍ତି । ଯେଉଁମାନେ ଓ୍ୱକ୍‌ଫେ ନୌର ପବିତ୍ର ତହ୍‌ରିକ୍‌ରେ ଅର୍ନ୍ତଭୁକ୍ତ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସହିତ ଦୟାପୂର୍ଣ୍ଣ ବ୍ୟବହାର ପଦର୍ଶନ କରନ୍ତୁ । ତାଙ୍କର ସ୍ତରକୁ ବୈକୁଣ୍ଠରେ ଉନ୍ନତ କରି ଚାଲନ୍ତୁ । ତାଙ୍କ ଆସନ୍ତା ପିଢ଼ୀଙ୍କୁ ମଧ୍ୟ ବିସ୍ୱସ୍ତତାର ସହିତ ବୟତର ସଠିକ ଦାୟିତ୍ୱ ନିର୍ବାହ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ମୁଁ ଯେପରି କି କହିଲି ନମାଜ ପରେ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପାଠ କରାଯିବ ।

⌘⌘⌘⌘⌘⌘⌘⌘⌘⌘

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମୁରବୀ ସିଲ୍‌ସିଲା ସୁପୁତ୍ର ମୋକରମ୍ ଇଲିଆଜ୍ ଅହମଦ୍ ମଲ୍‌ହି ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

୨. ଅଜିଜା ତୁବା ଅହମଦ୍ ସୁପୁତ୍ରୀ ମୋକରମ୍ ଇମ୍‌ତିଆଜ୍ ସାହେବଙ୍କ ନିକାହ୍ ଅଜିଜମ୍ ସାଦିକ୍ ଅହମଦ୍ ବଟ୍ ଜାମିୟା ଅହେମଦୀୟା ଜର୍ମାନୀର ଛାତ୍ର ସୁପୁତ୍ର ତାରିକ୍ ଅହମଦ୍ ବଟ୍ ସହିତ ଧାର୍ଯ୍ୟ ହେଲା ।

୩. ଅଜିଜା ନିଦ୍‌ରା ରାନ୍‌ଝା ସୁପୁତ୍ରୀ ସୁପୁତ୍ରୀ ମୋକରମ୍ ଅମୀର ସଇଦ ସାହେବଙ୍କ ନିକାହ୍ ଅଜିଜମ୍ ଅଦ୍‌ନାନ୍ ଅହ୍‌ମଦ୍ ରାନ୍‌ଜା ଯାମିଆ ଅହେମଦିୟା ଜର୍ମାନୀର ଛାତ୍ର ସୁପୁତ୍ର ମୋକରମ୍ ଇକ୍‌ରାମୁଲ୍ଲାହ୍ ରାନ୍‌ଝା ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

୪. ଅଜିଜା ମିସ୍‌ବାହ୍ ଜାୱେ୍ଦ ସୁପୁତ୍ରୀ ମୋକରମ୍ ଜାୱେଦ୍ ଇକ୍‌ବାଲ୍ ଜଫର୍ ସାହେବଙ୍କ ନିକାହ୍ ଅଜିଜମ୍ ଅତ୍‌ହର୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ତାହେର୍ ଅହେମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

୫. ଅଜିଜା ଟ୍ରେସ୍‌ପାଲ୍ ସାହେବା (ନୂଆ ଅହେମଦୀ) ସୁପୁତ୍ରୀ ମୋକରମ୍ ସେଗ୍‌ଫର୍ ଇଡ୍ରାଇହର୍ ନେଫ୍ରଡ୍ ହାଏଲମ୍ ସାହେବଙ୍କ ନିକାହ୍ ଅଜିଜମ୍ ଶାଫି ଅହ୍‌ମଦ୍ ପାଲ୍ ସାହେବ ସୁପୁତ୍ର ମୋକରମ୍ ମନ୍‌ଜୁର୍ ଅହ୍‌ମଦ୍ ପାଲ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

୬. ଅଜିଜା ଅଦନ୍ ମୁଖ୍‌ତାର୍ ୱର୍କ୍ ସୁପୁତ୍ରୀ ମୋକରମ୍ ମୁଖ୍‌ତାର ଅହ୍‌ମଦ୍ ସାହେବଙ୍କ ନିକାହ୍ ଅଜିଜମ୍ ଅନ୍‌ସର୍ ଅହ୍‌ମଦ୍ ଅଫ୍‌ଜଲ୍ ସାହେବ ସୁପୁତ୍ର ମୋକରମ୍ ମୁହମ୍ମଦ ଅଫ୍‌ଜଲ୍ ସାହେବଙ୍କ ସହିତ ଧାର୍ଯ୍ୟ କରାଗଲା ।

ନିକାହ୍ ଗୁଡ଼ିକର ଏଲାନ୍ କରିବା ହଜୁର ଅନୱର ଅ:ବ:ଅ ଦୁଆ କରାଇଲେ ଓ ବହୁତ ସ୍ନେହର ସହିତ ଉଭୟ ପକ୍ଷର ଲୋକମାନଙ୍କ ସହିତ କରମର୍ଦ୍ଦନ ହେଲେ ।

ଏହାପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ମସ୍‌ଜିଦ୍ ମୁବାରକ୍ ଫ୍ଲୋର୍ଡ଼୍‌ସ୍ଟାର୍ଟ ଜର୍ମାନୀର ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନଙ୍କ ଉପରେ ହଜୁର ଅନୱର ଅ:ବ:ଅଙ୍କ ଅଭିଭାଷଣଟି ଗଭୀର ପ୍ରଭାବ ପକାଇଥିଲା । ଅନେକ ଅତିଥି ନିଜର ମନୋଭାବକୁ ବ୍ୟକ୍ତି ନକରି ରହିପାରିଲେ ନାହିଁ ।

ଜଣେ ମହିଳା ଅତିଥି ମିସେସ୍, ଜିଙ୍କା ସାହିବା ତାଙ୍କ ସ୍ୱାମୀ ମାର୍କ ସାହେବଙ୍କ ସହିତ ସେହି ଉତ୍ସବରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଆଜିର ଏହି ଉତ୍ସବରେ ମତେ ପ୍ରତ୍ୟେକ କଥା ବହୁତ ଭଲ ଲାଗିଲା । ବିଶେଷରୂପେ ଖଲିଫତୁଲ୍ ମସିହଙ୍କ ଅଭିଭାଷଣ ବହୁତ ଚମତ୍କାର ଥିଲା । ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ମାତ୍ରାଧିକ ସନ୍ଦେହ ରଖୁଥିଲି ଓ ଆଜି ମତେ ଏହା ବୁଝାପଡ଼ିଲା ଯେ, ଇସ୍‌ଲାମ କେବଳ ଭଲ କଥାର ହିଁ ନାମ ଅଟେ ।

ସେ ମହାଶୟା ପୁଣି କହିଲେ, ଖଲିଫତୁଲ୍ ମସିହିଲ୍‌ଙ୍କର ଏକଥା ମତେ ବହୁତ ପସନ୍ଦ ଲାଗିଲା ଯେ, ଆମେମାନେ ଜଣେ ଅନ୍ୟଜଣକ ସହିତ ମିଳିମିଶି ଶାନ୍ତିର ସହିତ ରହିବା ଉଚିତ । କାରଣ ଆମେ ସମସ୍ତେ ହେଉଛେ । ଏକ ଈଶ୍ୱରଙ୍କ ସନ୍ତାନ ଏହି ସବୁକଥା ଗୁଡ଼ିକ ମୋ ଉପରେ ଅତ୍ୟନ୍ତ ପ୍ରଭାବ ପଡ଼ିଥିଲା ।

ପୁଣି ସେ କହିଲେ ମୁଁ ବହୁତ ଅପେକ୍ଷାରେ ଥିଲି ଯେ, ଆଜି ଆପଣଙ୍କ ଖଲିଫା କିପ୍ରକାରର କଥା କହିବେ । କିନ୍ତୁ ଖଲିଫତୁଲ୍ ମସିହିଲ୍‌ଙ୍କ ଭାଷଣ ଶୁଣିବା ପରେ ମୁଁ ଏହା କହିବି ଯେ, ମୁଁ ଖଲିଫତୁଲ୍ ମସିହିଲ୍‌ଙ୍କ ସବୁକଥାରେ ସହମତ । ମୁଁ ଏବେ ଜାଣିପାରିଲି ଯେ, ମସ୍‌ଜିଦ ହେଉଛି ଶାନ୍ତିର ଘର ବରଂ ଖଲିଫତୁଲ୍ ମସିହିଲ୍ ନିଜ ଭାଷଣରେ ଯାହା ମଧ୍ୟ କହିଲେ ତାହା ସବୁ ଶାନ୍ତି ଉପରେ ପର୍ଯ୍ୟବେସିତ ଥିଲା । ଖଲିଫତୁଲ୍ ମସିହିଲ୍ କହିଲେ ଯେ, ଲୋକମାନେ ଜଣେ ଅନ୍ୟଜଣକୁ ଭୟ କରିବା ପରିବର୍ତେ ଜଣେ ଅନ୍ୟ ଜଣକ ଉପରେ ଭରଷା କରିବା ଉଚିତ । ସେ ପୁଣି କହିଲେ । ଖଲିଫତୁଲ୍ ମସିହିଲ୍‌ଙ୍କ ଏ ସବୁକଥା ଶୁଣିବା ପରେ ଏବେ ମୋ ମନ ଭିତରେ ଏ ମସ୍‌ଜିଦ ସମ୍ପର୍କରେ କୌଣସି ପ୍ରକାରର ଭୟ ବାକି ରହିଲା ନାହିଁ ।

ମସ୍‌ଜିଦ୍‌ର ପଡ଼ୋଶରେ ରହିଥିବା ଜଣେ ଯୁବକ ମି. ଜେମ୍‌ସ ମଧ୍ୟ ଏ ଉତ୍ସବରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଖଲିଫତୁଲ୍ ମସିହିଲ୍‌ଙ୍କ ମୁହଁରୁ ବାହାରିଥିବା ପ୍ରତ୍ୟେକ ଶବ୍ଦ ମୋ ମନ ଭିତରେ ଗଭୀର ଛାପ ପକାଇଛି । ମୁଁ ଅନେକ ପାଦ୍ରୀମାନଙ୍କ ସହିତ ମିଶି ସାରିଛି । କିନ୍ତୁ ସେହି ପାଦ୍ରୀମାନଙ୍କ ମୁକାବିଲାରେ ଆପଣଙ୍କ ଖଲିଫା ମତେ ବହୁତ ଅଧିକ ପ୍ରଭାବିତ କରିଛନ୍ତି । ଖଲିଫତୁଲ୍ ମସିହିଲ ହେଉଛନ୍ତି ଜଣେ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ସେ ପ୍ରତ୍ୟେକ ପ୍ରକାରର ଲୋକମାନଙ୍କ ପାଇଁ ସହିଷ୍ଣୁତା ଅବଲମ୍ବନ କରୁଛନ୍ତି । ଯେବେ କି ଅନ୍ୟପଟେ ଯେଉଁ ପାଦ୍ରୀମାନଙ୍କ ସହିତ ମୁଁ ମିଶିଛି ସେମାନେ କେତେକାଂଶରେ ଚରମପନ୍ଥୀ ଅଟନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଧର୍ମ ପାଇଁ ଆପଣଙ୍କ ଖଲିଫାଙ୍କ ପରି ଲୋକମାନଙ୍କର ଆବଶ୍ୟକତା ରହିଛି । ଏବଂ ଆପଣଙ୍କ ଖଲିଫାଙ୍କ ତରଫରୁ ଦିଆଯାଇଥିବା ବାର୍ତାର ଆବଶ୍ୟକତା ରହିଛି ।

ପୁଣି ସେ କହିଲେ ମୁଁ ଏଠାକୁ ଆସି ଖୁସି ହେବା ସହିତ ଆଶ୍ଚର୍ଯ୍ୟ ମଧ୍ୟ ହୋଇଛି । ଏବେ ମୋ ମନ ଭିତରେ କେବଳ ଏହି ଗୋଟିଏ ଭୟ ଲାଗି ରହିଛି ଯେ, ପ୍ରତ୍ୟେକ ମୁସଲମାନ ଆପଣଙ୍କ ଖଲିଫାଙ୍କ ପରି ନୁହନ୍ତି । କିନ୍ତୁ ମୋର ଏତିକି ଆତ୍ମସନ୍ତୋଷ ହୋଇଯାଇଛି ଯେ, ଅହେମଦୀମାନେ ହେଉଛନ୍ତି ଶାନ୍ତିପ୍ରୀୟ ଲୋକ ।

ଆଉ ଜଣେ ବନ୍ଧୁ ଗାବି ସାହେବ ମଧ୍ୟ ଏ ଉତ୍ସବରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ହେଉଛି ଜଣେ ନାସ୍ତିକ ଓ ଧର୍ମର ବିରୋଧି କିନ୍ତୁ ଆପଣଙ୍କ ଖଲିଫା ଆଜି ଏହା ପ୍ରମାଣିତ କରିଦେଲେ ଯେ, ସେ ପ୍ରତ୍ୟେକ ପ୍ରକାରର ଲୋକମାନଙ୍କ ପାଇଁ ଧୈର୍ଯ୍ୟ ଓ ସହିଷ୍ଣୁତାର ସତାକୁ ଧରି ରଖିଛନ୍ତି ଏବଂ ତାଙ୍କ କର୍ମରୁ ଏହା ପ୍ରମାଣିତ ହୋଇଗଲା ଯେ, ଇସ୍‌ଲାମ ହେଉଛି ଧୈର୍ଯ୍ୟ ଓ ସହନଶୀଳତା ର ଧର୍ମ । ଖଲିଫତୁଲ୍ ମସିହିଲ୍‌ଙ୍କର ବାର୍ତା ଏହା ଥିଲା ଯେ, ଆମମାନଙ୍କୁ ନିଜ ନିଜର ବିଦ୍ୱେଷଭାବ ଏବଂ ଲଢ଼େଇ ଝଗଡ଼ାକୁ ଶେଷ କରିଦେବା ଉଚିତ । ମୁଁ ଏକଥାକୁ ଅସ୍ୱୀକାର କରିପାରିବି ନାହିଁ ଯେ, ଖଲିଫତୁଲ୍ ମସିହିଲ୍ ଯେଉଁ କଥା ଏଠାରେ ବର୍ଣ୍ଣନା କଲେ ତାହା ବର୍ତମାନ ସମୟର ଭୀଷଣ ଆବଶ୍ୟକ ରହିଛି ।

ଆଉ ଜଣେ ଜର୍ମାନୀୟ ବନ୍ଧୁ Wolfgang Pinder Sb ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ । ସେ କହିଲେ: ମୁଁ ଆପଣଙ୍କ ଖଲିଫାଙ୍କ ବିଷୟରେ କେବଳ ଏତିକି ହିଁ କହିବି ଯେ, ସେ ବହୁତ ଦୁରଦୃଷ୍ଟି ରଖିଥିବା ବ୍ୟକ୍ତି ବିଶେଷ ଅଟନ୍ତି । ମତେ ତାଙ୍କ କଥାଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଶବ୍ଦ ଉପରେ ମଧ୍ୟ ଆପତି ଅଭିଯୋଗ କରିବାର ନାହିଁ । ଆପଣଙ୍କ ଖଲିଫା ହେଉଛନ୍ତି ଗୋଟିଏ ଖୋଲା ପୁସ୍ତକ ସଦୃଶ ଏବଂ ଏହି ସୁଗୁଣ ଆପଣଙ୍କ ଯମାତ୍‌ର ମଧ୍ୟ ରହିଛି ।

ଆଉ ଜଣେ ମହିଳା କାଉନ୍‌ସିଲର Mrs. Silka Susanne ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ଟି ନିଜ ଭିତରେ ଏକ ନୁତନପାର୍ଶ୍ୱକୁ ଧରି ରଖିଥିଲା । ଖଲିଫତୁଲ୍ ମସିହ୍ ବହୁତ ଖୋଲା ହୃଦୟର ବ୍ୟକ୍ତି ଅଟନ୍ତି । ମୁଁ ତାଙ୍କର ପ୍ରତ୍ୟେକ କଥାରେ ସହମତ ହେବି । କିନ୍ତୁ ଏବେ କେବଳ ଏ କଥାର ଆବଶ୍ୟକତା ରହିଛି ଯେ, ଲୋକମାନେ ଖଲିଫତୁଲ୍ ମସିହିଲ୍‌ଙ୍କ କଥା ଉପରେ ଅମଳ ମଧ୍ୟ କରନ୍ତୁ । ଏଥିରେ କୌଣସି ସଙ୍କା ନାହିଁ ଯେ, ଆମେ କେବଳ ଏହି କ୍ଷେତ୍ରରେ ଉନ୍ନତି କରିପାରିବା ଯେ, ଆମେ ଖଲିଫତୁଲ୍ ମସିହ୍‌ଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ହେବା ।

ଆଉ ଜଣେ ମହିଳା ମିସ୍ ରୋଜେନ୍ କୁନି ସାହିବା ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ । ଖଲିଫତୁଲ୍ ମସିହ୍ ଯେଉଁ କଥାଗୁଡ଼ିକ ବର୍ଣ୍ଣନା କଲେ । ତାହାର ଭୀଷଣଭାବେ ଆବଶ୍ୟକ ରହିଛି । ଆଜି ଏ ଦୁନିଆ ବିଭାଜନର ଶିକାର ହୋଇଅଛି । କିନ୍ତୁ ଖଲିଫତୁଲ୍ ମସିହିଲ୍‌ଙ୍କ ବାର୍ତା ଏପରି ଥିଲା ଯାହା ଆମ ସମସ୍ତଙ୍କୁ ଏକତ୍ରିତ କରିପାରିବ । କେବଳ ମୁସଲମାନମାନଙ୍କୁ ହିଁ ଖଲିଫତୁଲ୍ ମସିହଙ୍କ କଥା ଶୁଣିବା ଉଚିତ ନୁହେଁ ବରଂ ଇସାଇମାନଙ୍କୁ, ଇହୁଦୀମାନଙ୍କୁ ଓ ସବୁ ଲୋକମାନଙ୍କୁ ଖଲିଫତୁଲ୍ ମସିହଙ୍କ କଥା ପ୍ରତି ଧ୍ୟାନ ଦେବା ଉଚିତ ।

ସେ ପୁଣି କହିଲେ ଖଲିଫତୁଲ୍ ମସିହଙ୍କ ଭାଷଣ ଶୁଣିବା ପରେ ଇସ୍‌ଲାମ ସମ୍ବନ୍ଧରେ ଥିବା ନକାରାତ୍ମକ ଦୃଷ୍ଟିକୋଣ ପରିବର୍ତନ ହୋଇ ସକାରାତ୍ମକ ହୋଇଯାଇଛି ।

ଆଉ ଜଣେ ବନ୍ଧୁ Lars Fauslseit ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଖଲିଫତୁଲ୍ ମସିହଙ୍କୁ ଦେଖି ଓ ତାଙ୍କର କଥାକୁ ଶୁଣି ମୋ ଆଖିରେ ଅଶ୍ରୁ ଭରି ଗଲା । ତାଙ୍କୁ କେବଳ ଦେଖିନେବାରେ ହିଁ ଜଣାପଡ଼ିଯାଉଛି ଯେ, ସେ ହେଉଛନ୍ତି ଜଣେ ସଚ୍ଚା ମଣିଷ ତାଙ୍କ ମୁହଁରୁ ବାହାରୁ ଥିବା ପ୍ରତ୍ୟେକ କତା ସତ୍ୟ ଥିଲା । ମୋ ପାଇଁ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ଓ ପ୍ରଭାବଶାଳୀ ଅନୁଭବ ଥିଲା ।

ଜଣେ ଜର୍ମାନୀୟ ବନ୍ଧୁ Bjorn Born କହୁଛନ୍ତି: ଖଲିଫତୁଲ୍ ମସିହ ଯେଉଁ କଥା ଗୁଡ଼ିକ ବର୍ଣ୍ଣନା କଲେ ତାହା ସବୁ ମୋ ପାଇଁ ନୁଆ ଥିଲା । ସେ ବହୁତ ସହଜ ଭାଷାରେ ଏହି କଥାଗୁଡ଼ିକ ବର୍ଣ୍ଣନା କଲେ । ଯଦ୍ୱାରା ସମସ୍ତଙ୍କୁ ତାଙ୍କର ବାର୍ତା ବୁଝା ପଡ଼ିଯାଉ । ମୁଁ ଖଲିଫତୁଲ୍ ମସିହଙ୍କର ଭାଷଣ ଶୁଣିବାପରେ ଜାଣିପାରିଲି ଯେ, ଇସ୍‌ଲାମ ହେଉଛି ଶାନ୍ତିର ଧର୍ମ ।

ଆଉ ଜଣେ ମହିଳା ମେଲିନା କ୍ଲୁଲ୍ ସାହିବା କହିଲେ ଖଲିଫତୁଲ୍ ମସିହ ବହୁତ ବାଖ୍ୟାର ସହିତ ଇସ୍‌ଲାମ ଏବଂ ଶାନ୍ତି ସମ୍ବନ୍ଧରେ ବୁଝାଇଦେଲେ । ଖଲିଫାଙ୍କ ଭାଷଣରେ ବହୁତ ଭଲ ଭଲ ପଏଂଟ ବର୍ଣ୍ଣନା କରାଯାଇଛି ଓ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହ୍‌ଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓହ୍‌ଦାଦାର୍ ଯେକୌଣସି ସ୍ତରର ଓହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଯେଉଁ ବୁନିୟାଦି କଥା ଏହା ଥିଲା ଯେ, ଆମେ ସମସ୍ତେ ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିଛେ । ସେହିପରି ସବୁ ଧର୍ମରେ କେତେକ ବିଷୟରେ ସମାନତା ରହିଅଛି । ନିଶ୍ଚିତରୂପେ ଖଲିଫତୁଲ୍ ମସିହ ମାନବ ଜାତିକୁ ଏକାଠି କରିବାପାଇଁ କାର୍ଯ୍ୟ କରୁଛନ୍ତି ।

ଆଉ ଜଣେ ବନ୍ଧୁ Jorg Pffanof ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ମୁଁ ଖଲିଫତୁଲ୍ ମସିହଙ୍କ ଭାଷଣରୁ ବହୁତ ଆନନ୍ଦ ଉଠାଇଛି । ଗୋଟିଏ ବିଷୟ ଯାହା ଆଜି ମତେ ଏଠାରେ ଅନୁଭବ ହେଲା । ତାହା ହେଉଛି ଏହା କି, ମୁସଲମାନମାନେ ମଧ୍ୟ ଆମ ଭଳି ମଣିଷ ଅଟନ୍ତି । ଯେଉଁଭଳି ଆମେ ଭଦ୍ର ସେହି ଭଳି ମୁସଲମାନମାନେ ମଧ୍ୟ ଭଦ୍ର ଅଟନ୍ତି । ଖଲିଫତୁଲ୍ ମସିହଙ୍କ ଉପସ୍ଥିତି ଯୋଗୁଁ ଏକପ୍ରକାରର ନିଆରା ଅନୁଭବ ହେଉଥିଲା । ଏପରି ଲାଗୁଥିଲା ଯେମିତି ମୁଁ ପୋପ୍ ବା ଚାନ୍‌ସେଲର୍ ମର୍କଲଙ୍କ ସହିତ ସାକ୍ଷାତ କରୁଅଛି ।

ଆଉ ଜଣେ ପତ୍ରକାରେ ଷ୍ଟିଫାନ୍ ସାହେବ ମଧ୍ୟ ଏ ଉତ୍ସବରେ ସାମିଲ ହୋଇଥିଲେ । ସେ କହିଲେ ଖଲିଫତୁଲ୍ ମସିହଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ଖଲିଫାଙ୍କ ବ୍ୟକ୍ତିତ୍ୱରେ ଏକ ବିଶେଷ ପ୍ରକାରର ରୋବ୍ ରହିଛି । ମୁଁ ଖଲିଫାଙ୍କ ପ୍ରତ୍ୟେକ ଶବ୍ଦକୁ ନୋଟ କଲି ଓ ଏବେ ସେ ସମ୍ବନ୍ଧରେ ନିବନ୍ଧ ଲେଖିବି । ତାଙ୍କ ଭାଷଣର ମୁଳକଥା ଏହା ଥିଲା ଯେ, ଆମେ ସମସ୍ତେ ଆପୋଷରେ ମିଶି ଶାନ୍ତି ଓ ଭାଇଚାରା ପାଇଁ କାମ କରିବା ଉଚିତ । ପୁଣି ସେ କହିଲେ ମୁଁ ଆଜି ଜାଣିବାକୁ ପାଇଲି ଯେ, ଇସ୍‌ଲାମ୍‌ର ଅର୍ଥ କଣ ଓ ଇସ୍‌ଲାମ ଭିତରେ ମସ୍‌ଜିଦର କିପ୍ରକାରର ସ୍ୱରୁପ ରହିଛି ।

ଆଉ ଜଣେ ବନ୍ଧୁ Wilkaning ସାହେବ ବର୍ଣ୍ଣନା କଲେ । ମୁଁ ଅନେକ ବର୍ଷ ହେବ ଆପଣଙ୍କ ଖଲିଫାଙ୍କ ପରି ବ୍ୟକ୍ତି ବିଶେଷଙ୍କୁ ଖୋଜୁଥିଲି ବରଂ ମୋ ଭିତରେ ଏହି ଭଳି ଶାନ୍ତିପ୍ରୀୟ ବ୍ୟକ୍ତିଙ୍କୁ ପାଇବାପାଇଁ ଏକପ୍ରକାରର ବିଶେଷ ବ୍ୟାକୁଳତା ଥିଲା । ଆଜି ମତେ ସେହି ବ୍ୟକ୍ତି ମିଳିଗଲେ ଯାହାଙ୍କୁ ମୁଁ ଖୋଜୁଥିଲି । ମୋ ଧାରଣାରେ ଏହା ନଥିଲା ଯେ, ଆଜି ଏଡ଼େ ମହାନ୍ ବ୍ୟକ୍ତିଙ୍କ ସହିତ ମୋର ସାକ୍ଷାତ ହୋଇଯିବ । ଖଲିଫତୁଲ୍ ମସିହ ବାର୍ତା ଦେଇଛନ୍ତି ଯେ, ଆମେ ଜଣେ ଅନ୍ୟ ଜଣକର ଅଧିକାର ପ୍ରଦାନ କରିବାପ୍ରତି ଧ୍ୟାନ ଦେବା । ଏହି ବାର୍ତାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବା ଉଚିତ ।

ଆଉ ଜଣେ ଜର୍ମାନୀୟ ବନ୍ଧୁ ଲାର୍ସ ସାହେବ୍ ଯିଏ ଦୁଇ ସପ୍ତାହ ପୂର୍ବେ ଇସ୍‌ଲାମ୍ ଗ୍ରହଣ କରିଥିଲେ ସେ ଏହି ଉତ୍ସବରେ ସାମିଲ ହୋଇଥିଲେ । ସେ କହିଲେ ଯେ, ମୁଁ ଦୁଇସପ୍ତାହ ପୂର୍ବରୁ ହିଁ ଇସ୍‌ଲାମ୍ ଗ୍ରହଣ କରିଥିଲି । ଖଲିଫତୁଲ୍ ମସିହଙ୍କ ଭାଷଣ ଅତ୍ୟନ୍ତ ମନମୁଗ୍ଧ କାରୀ ଥିଲା । ମୁଁ ଖଲିଫତୁଲ୍ ମସିହଙ୍କ କଥା ଉପରେ ଆହୁରି ଅଧିକା ଚିନ୍ତା କରିବି । ପୁଣି ସେ କହିଲେ । ଖଲିଫତୁଲ୍ ମସିହ୍ କହିଛନ୍ତି ଯେ, ଆମେ ନିଜ ଭିତରେ ସହିଷ୍ଣୁତାର ସତାକୁ ସୃଷ୍ଟି କରିବା ଉଚିତ । ମୁଁ ଇସ୍‌ଲାମ ଗ୍ରହଣ କରିବାପରେ ମୋ ପରିବାରେ ମତେ ବିରୋଧ କରୁଛନ୍ତି । କିନ୍ତୁ ଯେଉଁଭଳି ଖଲିଫତୁଲ୍ ମସିହ କହିଲେ ଯେ, ଆମେ ନିଭ ଭିତରେ ଧୈର୍ଯ୍ୟ ଓ ସହନଶୀଳତାକୁ ସୃଷ୍ଟି କରିବା ଉଚିତ । ତେଣୁ ମୁଁ ମଧ୍ୟ ମୋନ ନିଜ ପରିବାର ବର୍ଗଙ୍କ ପାଇଁ ଆହୁରି ଅଧିକା ନମ୍ର ହୋଇଯିବି । ଖଲିଫତୁଲ୍ ମସିହ ଏକଥା ସ୍ୱଷ୍ଟ କରିଦେଇଛନ୍ତି ଯେ, ଆମେ ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ । ମୁଁ ଏହି ଦିନଟକୁ କେବେ ମଧ୍ୟ ଭୁଲିପାରିବି ନାହିଁ ।

ଜଣେ ସ୍ୱାମୀ ସ୍ତ୍ରୀ ସେଠାରେ ବସିଥିଲେ ଓ ପରଦା ସମ୍ବନ୍ଧରେ ତର୍କ ବିତର୍କ କରିବାକୁ ଲାଗିଲେ । ସ୍ତ୍ରୀ ଜଣକ ପଚାରିଲେ ଯେ ଏଠାରେ ମହିଳାମାନେ କାହିଁକି ନାହାନ୍ତି ? ଯେତେବେଳେ ସେ ହଜୁରଙ୍କ ଭାଷଣକୁ ଶୁଣିଲେ ଓ ତାଙ୍କୁ ପରଦା ବିଷୟରେ ବତାଇ ଦିଆଗଲା । ସେଥିରେ ସେ କହିଲେ ପ୍ରାଷ୍ଚାତ୍ୟରେ ମହିଳାମାନଙ୍କର ସ୍ୱାଧିନ ଉପର ଠାଉରିଆ ଭଳି ରହିଛି । ଏହା ପ୍ରକୃତ ସ୍ୱାଧୀନତା ନୁହେଁ । ଆପଣ ପର୍ଦାର ଯେଉଁ କନ୍‌ସେପ୍ଟ ବୁଝାଇଛନ୍ତି । ସେଥିରେ ମହିଳାମାନଙ୍କର ଉଚ୍ଚ ସମ୍ମାନ ରହିଛି । ପୁଣି ସେହି ସ୍ତ୍ରୀ ଜଣକ କହିଲେ ଯେ, ହଜୁରଙ୍କ ଭାଷଣ ଶୁଣିବା ପରେ ଏପରି ମନେ ହେଉଛି । ଯେମିତି ସମ୍ପୁର୍ନ୍ନ ରୂପେ ଶାନ୍ତି ଆସିଯାଇଛି ।

ହଜୁର ଅନଓ୍ୱର ଅ:ବ:ବଙ୍କ ଅଭିଭାଷଣ ପରେ ଜଣେ ପୁରୁଷ ଅତିଥି କହିଲେ ଯେ, ମୁଁ ଏଠାକୁ ଆସି ବହୁତ ଖୁସୀ ଅଛି । ଇସାଇୟତ ତ ମୃତ ଧର୍ମ ଅଟେ । କେବଳ ଉପୁରୁ ଉପରିଆ ରହିଛି । ସେଥିରେ କୌଣସି ଆତ୍ମା ନାହିଁ । କିନ୍ତୁ ଏଠାରେ ମତେ ଜୀବିତ ଧର୍ମ ଦେଖିବାକୁ ମିଳିଲା ।

ଯେତେବେଳେ ହଜୁର ଅନଓ୍ୱର ତାଙ୍କ ଭାଷଣରେ ଏ ବିଷୟରେ ଚର୍ଚ୍ଚା କରୁଥିଲେ ଯେ, ଆଫ୍ରିକାରେ ତ ପିଇବା ପାଇଁ ପାଣି ମଧ୍ୟ ନାହିଁ । କିନ୍ତୁ ସେଠାରେ ଯମାତ୍ ଅହେମଦିୟା କିପରି ସେବା କାର୍ଯ୍ୟ କରୁଅଛି । ଏହି ସମୟରେ ଜଣେ ମହିଳା ତାଙ୍କ ସହିତ ବସିଥିବା ଆଠ ବର୍ଷର ପୁଅର କାନରେ କହିଲେ ଯେ ପାଣିକୁ କେବେ ନଷ୍ଟ କରିବା ଉଚିତ ନୁହେଁ ସେ ନିଜର ଅନ୍ୟ ପିଲାଆଡ଼ଙ୍କୁ ମଧ୍ୟ ଚାହିଁ ନିଜ ଆଙ୍ଗୁଳି ଦ୍ୱାରା ହଜୁରଙ୍କ ଆଡ଼କୁ ଦେଖାଉଥିଲେ ଯେ, ତାଙ୍କର କଥା ଶୁଣ ।

ଜଣେ ପଚାଶ ବର୍ଷୀୟ ଜର୍ମନ ଇସାଇ, ଯିଏ ପୂର୍ବରୁ ଯମାତ୍ ବିଷୟରେ ପରିଚିତ ନଥିଲା । ସେ ଏହି ପ୍ରୋଗ୍ରାମରେ ଭାଷଣ ଶୁଣିବାପରେ କହିବାକୁ ଲାଗିଲା ଯେ, ମତେ ଶାନ୍ତି ଓ ସୌହାର୍ଦ୍ଧ୍ୟର ବାତାବାରଣ ଏଠାରେ ଅନୁଭବ ହେଲା । ସେ ପୁଣି କହିଲା ଯେ, ଆପଣଙ୍କ ଖଲିଫାଙ୍କ ଭାଷଣରେ ପ୍ରେମର ଯେଉଁ କନ୍‌ସେପ୍ଟ ଉପସ୍ଥାପନ କରାଯାଇଥିଲା । ମୁଁ ତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ସେ କହିଲା ଯେ, ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲି । ଯାହାଙ୍କଠାରେ ମୁଁ କାର୍ଯ୍ୟ ନମୁନା ରୂପେ ସେହି ସବୁ ଗୁଣଗୁଡ଼ିକୁ ଦେଖିବାକୁ ଚାହୁଁଥିଲି ଯାହା ସବୁକୁ ମୁଁ ନିଜର ଧର୍ମବୋଲି ଭାବୁଛି । ସୁତରାଂ ମତେ ଆଜି ସେହି ବ୍ୟକ୍ତି ମିଳିଯାଇଛନ୍ତି ଓ ସେ ହେଉଛନ୍ତି ଆପଣଙ୍କର ଖଲିଫା । ପୁଣି ସେ କହିଲେ ଯେ, ଆପଣଙ୍କ ଖଲିଫା ହେଉଛନ୍ତି ଏପରି ଜଣେ ମଣିଷ ଯାହାଙ୍କ ଭିତରେ ଏ ଶକ୍ତି ରହିଛି ଯେ, ସେ ସମଗ୍ର ମାନବ ଜାତିକୁ ଶାନ୍ତି, ପ୍ରେମ ଏବଂ ସୌହାର୍ଦ୍ଧ୍ୟର ଧ୍ୱଜା ତଳେ ଏକାଠି କରିଦେବେ । ସେ ପ୍ରାଇଭେଟ ସେକ୍ରେଟାରୀଙ୍କ କାର୍ଯ୍ୟାଳୟର ଠିକଣା ନେଇ କହିଲେ ଯେ, ମୁଁ ହଜୁର ଅନଓ୍ୱରଙ୍କୁ ଚିଠି ଲେଖିବାକୁ ଚାହୁଁଛି । ପୁଣି କହିଲେ ଯେ, ମୁଁ ଏହି ଚିଠି ନିଜେ ନିଜ ହାତ ଦ୍ୱାରା ଲେଖି ଲଫାପା ଭିତରେ ପୁରାଇ ପୋଷ୍ଟ କରିବାକୁ ଚାହୁଁଛି ।

କ୍ୟାମେରୁନ୍‌ରୁ ଗୋଟିଏ ଆଫ୍ରିକୀୟ ପରିବାର ଆସିଥିଲା । ସେମାନେ କହିଲେ ଯେ, ଅତିଥିମାନଙ୍କ ସହିତ ଆପଣମାନଙ୍କର ବ୍ୟବହାର କ୍ୟାମେରୁନ୍ ଠାରେ ଥିବା ମୁସଲମାନମାନଙ୍କ ଠାରୁ ଭିନ୍ନ ଅଟେ । ଆପଣମାନେ ପ୍ରକୃତରେ ଅତିଥି ସତ୍କାର କରୁଛନ୍ତି ।

ଜଣେ ସ୍ଥାନୀୟ ରାଜନେତା କହିଲେ, ଖଲିଫାଙ୍କର ଆମ ଜିଲ୍ଲାକୁ ବାରମ୍ବାର ଆସିବା ଆମ ପାଇଁ ବର୍‌କତ୍‌ର କାରଣ । ମସଜିଦ୍‌ର ଉଦ୍‌ଘାଟନି ଉତ୍ସବ ଅବସରରେ ଆମେ ତାଙ୍କୁ ସ୍ୱାଗତ ଜଣାଇ ବହୁତ ଖୁସୀ ହେବୁ । (ଏହି ଜିଲ୍ଲାରେ ପ୍ରଥମେ ଫରିଦ୍ ବର୍ଗ ଏବଂ ନେଡ଼ାରେ ଥିବା ମସ୍‌ଜିଦ୍ ଗୁଡ଼ିକର ଭିତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନୀ ଉତ୍ସବ ହୋଇସାରିଛି) ।

ଇରାନ୍‌ର ଜଣେ ଅତିଥି କହିଲେ ଯେ, ହଜୁର ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତ ଅଟନ୍ତି । ଏଥିରୁ ଜଣା ପଡୁଛି ଯେ, ସେ ଜଣେ ବିଶେଷ ବ୍ୟକ୍ତି ଅଟନ୍ତି । ସେହି ଅତିଥି ଜଣକ ସାକ୍ଷାତ କରିବାପାଇଁ ଷ୍ଟେଜ୍ ସମ୍ମୁଖକୁ ମଧ୍ୟ ଆସଥିଲେ । ଓ ସେ କହିବାକୁ ଲାଗିଲେ ଯେ, ମୁଁ କିଛି କହିବାକୁ ଚାହୁଁଥିଲି କିନ୍ତୁ କିଛି କହିପାରିଲି ନାହିଁ । ପୁଣି ହଜୁରଙ୍କ ସମ୍ବନ୍ଧରେ ସେ ଫାର୍ସୀ ରେ ମତେ କହିଲେ ''ଖୁବ୍ ସୁରତ୍-
---- ନୁର୍ ସୁରତ୍''

ଆଉ ଜଣେ ମହିଳା ଅତିଥି କହିଲେ, ଆପଣଙ୍କ ଯମାତର ଏକତା ମତେ ବହୁତ ଭଲ ଲାଗିଲା ଯେ, ଆପଣମାନେ ବିଲ୍‌କୁଲ୍ ସ୍ୱଷ୍ଟବାଦୀ ଓ ଖୋଲା ହୃଦୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଲୋକ ଅଟନ୍ତି ।

ଖଲିଫା ବହୁତ ନମ୍ର ସ୍ୱଭାର ଦେଖାଯାଉଛନ୍ତି ।

ଫ୍ଲୋର୍ଡ଼ସ୍ଟାଡ଼ ସହରର ଜଣେ ଡ଼ାକ୍ତର ଖବର କାଗଜରେ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନା ବିଷୟରେ ପଢ଼ିଲେ । ତେଣୁ ସେ ବାର୍ତା ପଠାଇଲେ ଯେ, ଆମେ ସ୍ୱାମୀ ସ୍ତ୍ରୀ ମଧ୍ୟ ଏହ ପ୍ରୋଗ୍ରାମରେ ସାମିଲ ହେବାପାଇଁ ଚାହୁଁଅଛୁ । ଆମ ଏହି ସହରରେ ମସ୍‌ଜିଦ୍ ନିର୍ମାଣ ହେଉଥିବା ଯୋଗୁଁ ଆମେ ବହୁତ ଖୁସି ଅଛୁ । ସୁତରାଂ ଏହି ଦୁଇଜଣ ଏଥିରେ ସାମିଲ ହେଲେ ଓ ପ୍ରୋଗ୍ରାମ ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଖଲିଫତୁଲ୍ ମସିହଙ୍କ ପରି ଜ୍ୟୋତିପୂର୍ଣ୍ଣ ବ୍ୟକ୍ତି ବିଶେଷ ଆମେ ପ୍ରଥମଥର ଦେଖିବାକୁ ପାଇଲୁ । ସେ ବହୁତ ସାଧାସିଧା ଓ ସାଧାରଣ ଲୋକମାନଙ୍କ ଗହଣରେ ମିଶିଯାଉଛନ୍ତି । ନଚେତ ଆଜି କାଲିର ବଡ଼ ବଡ଼ ଧାର୍ମିକ ବ୍ୟକ୍ତିବିଶେଷ ମାନେ କୌଣସି ଗରୀବ ଲୋକକୁ ତ ନିଜ ପାଖରେ ପୁରାଇ ଦେଉନାହାନ୍ତି ।

ଏହି ସହରର ମେୟର ହର୍ବଟ ଅଙ୍ଗର୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ଖଲିଫତୁଲ୍ ମସିହଙ୍କ ବ୍ୟକ୍ତିତ୍ୱରୁ ବହୁତ ପ୍ରଭାବିତ ହୋଇଛି । ଖଲିଫା ମୋ ସହିତ ଅତ୍ୟନ୍ତ ଖୋଲାଖୋଲି ଭାବେ କଥା ହେଲେ । ନିଶ୍ଚିତରୂପେ ଖଲିଫତୁଲ୍ ମସିହ ଅତ୍ୟନ୍ତ ପବିତ୍ର ଓ ଆକର୍ଷଣୀୟ ବ୍ୟକ୍ତିତ୍ୱର ମାଲିକ ଅଟନ୍ତି । ମୁଁ କେବେ ଏକଥା ଭାବିପାରିବି ନାହିଁ ଯେ, ଆମ ଚର୍ଚ୍ଚର ବଡ଼ ବଡ଼ ଲୋକମାନେ ଏହିଭଳି ସାଧାରଣ ଲୋକଙ୍କ ସହିତ ନିର୍ବିଘ୍ନରେ ମିଶୁଥିବେ । ପୁଣି ସେ କହିଲେ ଖଲିଫତୁଲ୍ ମସିହ ହେଉଛନ୍ତି ଅତ୍ୟନ୍ତ ସମୟାନୁବର୍ତିତା । ଏକଥା ମଧ୍ୟ ଆମପାଇଁ ବହୁତ ଆଶ୍ଚର୍ଯ୍ୟର କଥା ଏତେ ବଡ଼ ଲୋକ ପୁଣି ସମୟକୁ ଏତେ ମାତ୍ରାରେ ଧ୍ୟାନ ରଖୁଛନ୍ତି ଯେ, ସମୟ ପୂର୍ବରୁ ହିଁ ପ୍ରୋଗ୍ରାମରେ ଆସି ପହଂଚିଗଲେ ।

ଆଉ ଜଣେ ଅତିଥି Peter

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

Eickmann ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଆପଣମାନେ ଯେଉଁଭଳି ଆମକୁ ସ୍ୱାଗତ ଜଣାଇଲେ । ସେଥିରୁ ହିଁ ଆମ ହୃଦୟ ଖୋଲି ଯାଇଛି । ଆଜି ଆମେ ଏହି ଭିତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ହୋଇଥିବା ଯୋଗୁଁ ବହୁତ ଅନନ୍ଦିତ ଏବଂ ଆମେ ଆଶା ରଖିଛୁ ଯେ, ଆପଣଙ୍କର ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସର୍ବଦା ଶାନ୍ତିର ସ୍ଥାନ ହୋଇ ରହିବ । ଜାତିବାଦ ଠାରୁ ସୁରକ୍ଷିତ ରହିବ । ଖୁଦାତାଲା ଆପଣମାନଙ୍କୁ ସାହାସ ଓ ଶକ୍ତି ଦିଅନ୍ତୁ ।

ଜଣେ ଜର୍ମାନର ବନ୍ଧୁ ଯେତେବେଳେ ପଚାରାଗଲା ଯେ, ଆଜି ଆପଣଙ୍କର ମନଭାବ କିପରି ରହିଲା ? ଏଥିରେ ସେ କହିଲେ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ତରଫରୁ ଆସିଛନ୍ତି ତାହାଙ୍କ ବିଷୟରେ ମୁଁ କଣ ବା ଚର୍ଚ୍ଚା କରିପାରିବି ! କେବଳ ଏତିକି କହିବି ଯେ, ଖଲିଫତୁଲ ମସିହ ହେଉଚନ୍ତି ଜଣେ ଈଶ୍ୱରଙ୍କ ଭକ୍ତ ଓ ତାଙ୍କ ଚେହେରା ବହୁତ ଦିପ୍ତୀ ଓ ଜ୍ୟୋତିପୂର୍ଣ୍ଣ ।

ଏତଦ୍‌ବ୍ୟତିତ ମସ୍‌ଜିଦ୍ ମୁବାରକ୍ ଫ୍ଲୋର୍ଡ଼୍‌ସ୍ଥାଟର ଭିତିପ୍ରସ୍ତର ରଖାଯିବା ସମ୍ବନ୍ଧରେ ତିନୋଟ ଖବର କାଗଜ ଖବର ପ୍ରକାଶ କଲେ । ଏହି ଖବର କାଗଜଗୁଡ଼ିକର ମୋଟ ପ୍ରକାଶନ୍ ୧ ଲକ୍ଷ ୭୦ ହଜାରରୁ ଅଧିକା । ମସ୍‌ଜିଦ୍ ମୁବାରକ୍ ଫ୍ଲୋର୍ଡ଼୍‌ସ୍ଥାଟର ଭିତିପ୍ରସ୍ତର ସ୍ଥାପନ ଉତ୍ସବର ସନ୍ଦର୍ଭରେ ଜର୍ମାନୀର ସବୁଠାରୁ ବଡ଼ ଦୈନିକ ଖବର କାଗଜ ଡ଼ିଲ୍ଟି ର ଦୁଇଟି ପ୍ରେଦେଶିକ ଏଡ଼ିସନ୍‌ରେ ଖବର ପ୍ରକାଶ ପାଇଲା ।

ଆଉ ଗୋଟିଏ ରିଜିଓନାଲ୍ ଖବର କାଗଜ Kreis Anzeiger ରେ ମଧ୍ୟ ମସ୍‌ଜିଦ୍ ମୁବାରକ୍‌ର ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହେବାର ଦୁଇ ଦିନ ପୂର୍ବରୁ ଖବର ପ୍ରକାଶ କରିଛି ଓ ବ୍ୟାଖ୍ୟା ପୂର୍ଣ୍ଣ ଖବର ପ୍ରସାରଣ କରିଛି । ସେଥିରେ ସେ ଲେଖୁଛି ''ଖଲିଫା ଏକଥା ଉପରେ ଜୋର୍ ଦେଇଛନ୍ତି ଯେ, ଅହେମଦୀୟା ଯମାତ୍ ଏକଶହ ବର୍ଷ ହେବ ପ୍ରେମ ଓ ଭାଇଚାରାର ବାର୍ତା ଦେଇ ଅସୁଅଛି । ଏଠିକାର ବ୍ୟବସ୍ଥାପିକା ଏଠାରେ ମସ୍‌ଜିଦର ଅନୁମତି ଏଥିପାଇଁ ଦେଇଛି ଯେ, ଯମାତ୍‌ର ଶିକ୍ଷା ଉପରେ ଭଲଭାବ ଅବଗତ । ଯମାତ୍ ଅହେମଦୀୟାର ଶିକ୍ଷାରେ ବିଭ୍ରାଟ ନାହିଁ । ସତ୍ୟ ପଡ଼ୋଶୀମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ମଧ୍ୟ ଏହି ଯମାତ୍ ଶିକ୍ଷାର ଅଂଶ ବିଶେଷ ।

ଏହି ଖବର କାଗଜ ପୁଣି ଲେଖିଛି ଯେ, ଅହେମଦୀମାନେ ନିଜ ଅଧିକାରକୁ ଭୀଷଣ ଭାବେ ମାଗନ୍ତି ନାହିଁ । ବରଂ ଖୁଦାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ବ୍ୟତିତ ଅନ୍ୟମାନଙ୍କର ଅଧିକାରକୁ ଦେବାପାଇଁ ମଧ୍ୟ ଧ୍ୟାନ ରଖୁଛନ୍ତି ।

ଏତଦ୍‌ବ୍ୟତିତ ସେଠିକାର ଲୋକାଲ ରେଡ଼ିଓ HR4 ମସ୍‌ଜିଦ୍ ମୁବାରକ୍ର ଭିତିପ୍ରସ୍ତର ସ୍ଥାପନ ବିଷୟରେ ଖବର ପ୍ରସାରଣ କରିଛି । ଏହିପରି ମୋଟ ସଂଖ୍ୟା ମୋଟାମୋଟି ରୂପେ ମସ୍‌ଜିଦ୍ ସାଦିକ୍ ଏବଂ ମସ୍‌ଜିଦ୍ ମୁବାରକର ଭିତିପ୍ରସ୍ତର ସ୍ଥାପନ ସମ୍ବନ୍ଧରେ ଖବର କାଗଜ ଗୁଡ଼ିକରେ ସମସ୍ତ ପ୍ରକାଶନ ସଂଖ୍ୟା ୪ ଲକ୍ଷ ୯୦ ହଜାରରୁ ଅଧିକା ହେଉଛି । ଏତଦ୍‌ବ୍ୟତିତ ଯେଉଁ ଟିଭି ଓ ରେଡ଼ିଓ ଚ୍ୟାନେଲ ଗୁଡ଼ିକ ଯେଉଁ ଖବର ପ୍ରାସରଣ କରିଛି । ତାହାର ଦେଖିବା ଓ ଶୁଣିବାର ଲୋକ ସଂଖ୍ୟା ଅନେକ ମିଲିୟନ୍ ବୋଲି କୁହାଯାଉଅଛି ।

**୧୯ ଅକ୍ଟୋବର ୨୦୧୫ (ସୋମବାର)**

ଭୋର୍ ୬:୨୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ବଇତୁସ ସବୁହଠାରେ ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଜର୍ମାନୀରୁ ଯାତ୍ରା କରି ଲଣ୍ଡନରେ ପଦାର୍ପଣ**

ଆଜି ପ୍ରୋଗ୍ରାମ ମୁତାବକ ଫ୍ରାଙ୍କଫର୍ଟ ଜର୍ମାନୀରୁ ଲଣ୍ଡନ (ବ୍ରିଟେନ) ନିମନ୍ତେ ଯାତ୍ରା କରିବାର ଥିଲା । ତେଣୁ ଫ୍ରାଙ୍କଫର୍ଟ ରିଜିଓନ ଏବଂ ଆଖପାଖର ଯମାତଗୁଡ଼ିକରୁ ଅହେମଦୀ ପୁରୁଷ ମହିଳା ଓ ଛୋଟ ଛୋଟ ପିଲାମାନେ ବହୁ ସଂଖ୍ୟାରେ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ସକାଳୁ ହିଁ ବଇତୁସ୍ ସବୁହର ପ୍ରାଙ୍ଗଣରେ ଏକତ୍ରିତ ହେବାକୁ ଲାଗିଥିଲେ ।

ସକାଳ ୧୦:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହାତ ହଲାଇ ଉପସ୍ଥିତ ସମସ୍ତ ଲୋକମାନଙ୍କ ମଧ୍ୟରେ ଚାଲି ଚାଲି ସମସ୍ତଙ୍କୁ ଅସଲାମୁ ଆଲୈକୁମ୍ କହିଲେ ଓ ଦୁଆ କରାଇଲେ ।

ତା'ପରେ ଏହି କାଫିଲାଟି ଯାତ୍ରା କରିବା ଆରମ୍ଭ କଲା । ଦୁଇପଟେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବା ଯମାତ୍‌ର ସମସ୍ତ ସଦସ୍ୟମାନେ ଅନବରତ ନିଜର ହାତକୁ ଉପରକୁ ଉଠାଇ ନିଜର ପ୍ରୀୟ ଆକାଙ୍କୁ ବିଦାୟ ଜଣାଉଥିଲେ । ବହୁତ ଲୋକଙ୍କ ଆଖିରୁ ଅଶ୍ରୁ ଝରି ପଡୁଥିଲା ।

ଫ୍ରାଙ୍କଫର୍ଟରୁ ଫ୍ରାନ୍ସର ବନ୍ଦର Calais ପର୍ଯ୍ୟନ୍ତ ରାସ୍ତା ହେଉଛି ୬୦୦ କିମି । ସେହି ରାସ୍ତା ମଝିରେ ବେଲ୍‌ଜିୟମ୍ ଦେଶ ମଧ୍ୟ ଆସିଥାଏ । ଜର୍ମାନୀର ୨୮୦ କି.ମି ଯାତ୍ରା କରିବାପରେ ବେଲ୍‌ଜିୟମ ଦେଶରେ ପ୍ରବେଶ ହେଲେ ଏବଂ ବେଲ୍‌ଜିୟମରେ ୧୬୦ କି.ମି ରାସ୍ତା ଅତିକ୍ରମ କରିବାପରେ । ପାଖାପାଖି ଦିନ ୩ଟା ବେଳେ ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ ମୁତାବକ ମୋଟରଓ୍ୱେ ଉପରେ Pauzo ନାମକ ରେଷ୍ଟୁରାଂଟଠାରେ ଦ୍ୱିପ୍ରହରର ଖାଦ୍ୟ ପାଇଁ କାଫିଲାଟି ରହିଲା । ଜର୍ମାନୀ ଯମାତ୍‌ର ଖୁଦାମମାନଙ୍କର ଗୋଟିଏ ଟିମ୍ କାଫିଲାଟି ଏଠାରେ ପହଂଚିବା ପୂର୍ବରୁ ହିଁ ଭୋଜନ ପ୍ରସ୍ତୁତି ଓ ନମାଜ ପଢ଼ିବାପାଇଁ ବ୍ୟବସ୍ଥା ଆଦି କରିବା ନିମନ୍ତେ ଏଠାରେ ପହଂଚିଥିଲା ଓ କାଫିଲାଟି ଏଠାରେ ପହଂଚିବା ପୂର୍ବରୁ ହିଁ ସବୁ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇସାରିଥିଲା ।

ଦିନ ୩:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ରେଷ୍ଟୁରାଂଟର ଗୋଟିଏ ପାର୍ଶ୍ୱକୁ ଯାଇ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ନମାଜ ପାଠ ପରେ ମଧାହ୍ନ ଭୋଜନ କରିବାର ବ୍ୟବସ୍ଥା କରାଯାଇଥିଲା ।

ଏଠାରୁ ଆଗକୁ ଯାତ୍ରା କରିବା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଜର୍ମାନୀରୁ ସାଥିରେ ଆସିଥିବା ସଦସ୍ୟମାନଙ୍କ ସହିତ ହାତ ମିଳାଇଲେ ।

ଯମାତ୍ ଅହେମଦୀୟା ଜର୍ମାନୀର ଅମୀର ମୋକରମ୍ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ, ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ ମୋକରମ୍ ହାଇଦର ଅଲୀ ଜଫର୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଇଲିଆସ୍ ଅହମଦ୍ ମଜୁକେ ସାହେବ୍, ନାଏବ୍ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଜରିଉଲ୍ଲାଃ ସାହେବ୍ ମୁବ୍‌ଲିଗ୍ ସିଲ୍‌ସିଲା, ମୋକରମ୍ ଡ଼ାଃ. ଅତହର୍ ଜୁବୈର୍ ସାହେବ୍, ମୋକରମ୍ ଅବଦୁଲ୍ଲାଃ ସପ୍‌ରାଆ ସାହେବ୍ ଏବଂ ମୋକରମ୍ ସଦର ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କ ସଙ୍ଗେ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ଠିକ୍ ୪:୧୦ ମିନିଟରେ ଏଠାରୁ ଯାତ୍ରା ଆରମ୍ଭ ହେଲା ଓ ଫ୍ରାନ୍ସର ବନ୍ଦର କାଲାଇସ୍ ଆଡ଼କୁ ଯାତ୍ରା ଜାରି ରହିଲା ଏବଂ ପୁଣି ବେଲ୍‌ଜିୟମ୍ ଦେଶ ଭିତରେ ଅଧଘଂଟା ଯାତ୍ରା କରିବାପରେ । ବେଲ୍‌ଜିୟମର ବର୍ଡ଼ର ପାର ହୋଇ ଫ୍ରାନ୍ସ ଦେଶରେ ପ୍ରବେଶ ହେଲେ । ଏଠାରୁ କାଲାଇସ୍ ବନ୍ଦରର ଦୁରତା ହେଉଛି । ୯୫ କି.ମି ।

ଠିକ୍ ୫:୫୦ ମିନିଟରେ ଚ୍ୟାନେଲ୍ ଟନେଲଠାରେ ପହଂଚିଲେ । ଜର୍ମାନୀରୁ ସାଥିରେ ଆସିଥିବା ସଦସ୍ୟଗଣ ଏବଂ ଖୁଦାମ୍‌ଙ୍କ ସିକ୍ୟୁରିଟି ଟିମ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଚ୍ୟାନେଲ ଟନେଲ୍ ପର୍ଯ୍ୟନ୍ତ ଛାଡ଼ିବାପାଇଁ ଓ ବିଦାୟ ସମ୍ବର୍ଧନା ଜଣାଇବା ପାଇଁ କାଫିଲା ସହିତ ହିଁ ରହିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏଠାରୁ ଲଣ୍ଡନ ନିମନ୍ତେ ଯାତ୍ରା କରିବାପାଇଁ ବିଦା କରି ଫ୍ରାଙ୍କଫର୍ଟରୁ ଜର୍ମାନୀକୁ ଫେରିଗଲେ ।

ପାସପୋର୍ଟ, ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ ଜରୁରୀ କାଗଜ ପତ୍ରଗୁଡ଼ିକର କ୍ଲିଅରାନ୍ସ ହେବା ପରେ ଠିକ୍ ୬:୧୫ ମିନିଟରେ କାଫିଲାର ଗାଡ଼ିଗୁଡ଼ିକ ଟ୍ରେନ ଉପରେ ଲଦା ଗଲା । ଟ୍ରେନ ଟି ନିଜର ଧାର୍ଯ୍ୟ ସମୟ ମୁତାବକ ୬:୨୫ ମିନିଟରେ କାଲାଇସ୍‌ରୁ ବାହାରି ବ୍ରିଟେନ୍‌ର ସମୁଦ୍ରକୂଳ ସହର ଡ଼ୋଭର୍ ଆଡ଼କୁ ଯାତ୍ରା ଆରମ୍ଭ କଲା । ପାଖାପାଖି ଅଧଘଂଟା ଯାତ୍ରା କରିବା ପରେ ଟ୍ରେନ୍‌ଟି ଚ୍ୟାନେଲ ଟନେଲ ପାର ହୋଇ ଡୋଭର୍ ସହରର ନିକଟରେ ବ୍ରିଟେନ୍‌ର ଭୁମି ଉପେର ପ୍ରବେଶ ହେଲା ଓ ନିଜର ବିଶେଷ ଷ୍ଟେସନରେ ଯାଇ ରହିଲା । ପାଖାପାଖି ୧୦ ମିନିଟର ଅନ୍ତର ପରେ ଫ୍ରାନ୍ସର ସମୟ ମୁତାବକ ଠିକ୍ ୭ଟା ସମୟରେ ଓ ବ୍ରିଟେନ୍‌ର ସମୟ ମୁତାବକ ଠିକ୍ ୬ଟା ବେଳେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନରୁ ବାହାରକୁ ବାହାର କରାଗଲା । ଏବଂ ମୋଟରଓ୍ୱେ ଉପରେ ଯାତ୍ରା ଆରମ୍ଭ ହେଲା ।

ମୋକରମ୍ ଅମୀର ସାହେବ୍ ୟୁକେ, ମୋକରମ୍ ମୁବଲିଗ୍ ଇନ୍‌ଚାର୍ଜ ସାହେବ୍ ୟୁକେ, ମୋକରମ୍ ମେଜର୍ ମେହମୁଦ୍ ଅହମଦ୍ ସାହେବ୍ ଅଫିସର ବିଶେଷ ସୁରକ୍ଷା ବଳ ନିଜର ସିକ୍ୟୁରିଟି ଟିମ୍ ସହିତ ଏବଂ ଅନ୍ୟାନ୍ୟ ଯମାତି ଓହଦାଦାରଗଣ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କରିବାପାଇଁ ଏଠାରେ ଉପସ୍ଥିତ ଥିଲେ ।

ପାଖାପାଖି ଦେଢ଼ଘଂଟା ଯାତ୍ରା କରିବା ପରେ ଠିକ୍ ସଂଧ୍ୟା ୭:୩୦ ରେ ମସ୍‌ଜିଦ୍ ଫଜଲ୍ ଲଣ୍ଡନଠାରେ କାଫିଲା ପଦାର୍ପଣ କଲା । ଯେଉଁଠି ଯମାତର ସଦସ୍ୟମାନେ ବହୁ ସଂଖ୍ୟାରେ ନିଜ ପ୍ରୀୟ ଆକାଙ୍କୁ ***ଅହଲଉଁ ଓ୍ୱ ସହଲଉଁ ଓ୍ୱ ମର୍‌ହବା*** (ଅର୍ଥାତ ଶୁଭ ସ୍ୱାଗତମ୍) ଜଣାଇଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ପ୍ରେମପୂର୍ଣ୍ଣ ଓ ସ୍ନେହର ସହିତ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ତା'ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଏହିପରି ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅତ୍ୟନ୍ତ ବାବର୍‌କତ୍ ଗସ୍ତ ଯାହା ଯମାତ୍ ଅହେମଦୀୟାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟର ସ୍ଥାନ ରଖିଛି ତାହା ଅଲ୍ଲାଃ ତାଲାଙ୍କ କୃପାରୁ କୁଶଳ ଓ ମଙ୍ଗଳର ସହିତ ପରିସମାପ୍ତି ହେଲା । ***ଅଲ୍‌ହମ୍‌ଦୁଲିଲ୍ଲାଃ ଆଲା ଜାଲିକା ।***

***(ଅଖ୍‌ବାର ବଦର୍ ଉର୍ଦ୍ଦୁ ୧୦ ଡ଼ିସେମ୍ବର ୨୦୧୫)***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian — ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 09 April 2020 Issue No. 15

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

**୧୮ ଅକ୍ଟୋବର ୨୦୧୫ (ରବିବାର) ରିପୋର୍ଟର ବଳକା ଅଂଶ ।**

ଏବେ ଏହି ପବିତ୍ର ସ୍ଥାନରୁ ବିଦାୟ ନେବାର ବେଳ ନିକଟତର ହେଉଥିଲା । ଛୋଟଛୋଟ ପୁଅ ଝିଅମାନେ ଦଳଗତ ହୋଇ ବିଦାୟ ମୂଳକ ନଜମ୍ ପାଠ କରୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ବିଦାୟ ନେବା ପୂର୍ବରୁ କିଛି ସମୟ ପାଇଁ ଯମାତ୍‌ର ସଦସ୍ୟମାନଙ୍କ ଗହଣରେ ସମୟ ବିତାଇଲେ ।

ଦିନ ୧:୪୫ ମିନିଟରେ ଏଠାରୁ ଯାତ୍ରା ଆରମ୍ଭ ହେଲା ଓ ପାଖାପାଖି ୩୫ ମିନିଟ ଯାତ୍ରା କରିବାପରେ ଠିକ୍ ୨:୨୦ ମିନିଟରେ ବଇତୁସ୍ ସବୁହଠାରେ ପଦାର୍ପଣ ହେଲା ।

ଜୋହର୍ ଏବଂ ଅସର ନମାଜ ପାଠ କରିବା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ମୋକରମ୍ ଡ଼ାକ୍ତର ଅବଦୁଲ୍ ଗନୀ କୈସର୍ ସାହେବ୍ ସଦର ଯମାତ୍ ମନ୍‌ହାଇମ୍ ଙ୍କ ନମାଜ ଯନାଜାଃ ହାଜିର ଏବଂ ଦୁଇଜଣ ମର୍‌ହୁମିନ୍ ମୋକରମ୍ ମୁହମ୍ମଦ ନାସିର୍ ସାହେବ୍ (ମୁଅଲିମ୍ ସିଲ୍‌ସିଲା ଅହମଦାବାଦ୍, ଗୁଜୁରାଟ ପ୍ରଦେଶ ଇଣ୍ଡିଆ) ଏବଂ ମୋକରମ୍ ଶେଖ୍ ସଇଦ୍ ଅହମଦ୍ ସାହେବ୍ ଅଫ୍ ତକ୍‌ତହଜାରା ବର୍ତମାନ ଅବସ୍ଥିତ ଯମାତ୍ ହନାଉ ଜର୍ମାନୀଙ୍କ ନମାଜ ଯନାଜାଃ ଗାଏବ୍ ପଢ଼ାଇଲେ ।

ଡ଼ାକ୍ତର ଅବଦୁଲ୍ ଗନୀ କିସର୍ ସାହେବ୍ ୧୩ ଅକ୍ଟୋବର ୨୦୧୫ ଦିନ ୫୭ ବର୍ଷ ବୟସରେ ଦେହ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ୧୯୮୯ ମସିହାରେ ନିଜ ପତ୍ନୀଙ୍କ ସହିତ ଜର୍ମାନୀ ଆସିଥିଲେ । ସେ ଗରିବ ରୋଗୀମାନଙ୍କର ମାଗଣା ଚିକିତ୍ସା କରୁଥିଲେ । ଖିଲାଫତ୍ ସହିତ ପ୍ରେମ ଓ ନିଷ୍ଠାପୂର୍ଣ୍ଣ ସମ୍ପର୍କ ଥିଲା । ତାଙ୍କ ଅନ୍ତେ ତାଙ୍କ ପତ୍ନୀଙ୍କ ବ୍ୟତିତ ଦୁଇଜଣ ଝିଅ ଅଛନ୍ତି ।

ମର୍‌ହୁମ୍ ମୋକରମ୍ ମୁହମ୍ମଦ୍ ନାସିର୍ ସାହେବ୍ ୫ ଅକ୍ଟୋବର ୨୦୧୫ ମସିହା ଦିନ ୩୯ ବର୍ଷ ବୟସରେ ଦେହ ହୃଦଘାତ ଯୋଗୁଁ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ଅଗଷ୍ଟ ୨୦୦୧ ମସିହାରେ ଜିନ୍ଦେଗୀ ଓ୍ୱକ୍‌ଫ (ଜୀବନ ଉତ୍ସର୍ଗ) କଲେ । ଏବଂ ଯାମି ଅତୁଲ୍ ମୁବଶିରୀନ୍ କାଦିୟାନଠାରେ ପ୍ରବେଶ ହେଲେ । ୨୦୦୪ ମସିହାରେ ମୁଅଲିମ୍ ଶିକ୍ଷା ସମ୍ପୁର୍ଣ୍ଣ କରିବାପରେ ଗୁଜୁରାଟ ପ୍ରଦେଶର ବିଭିନ୍ନ ଯମାତ୍‌ରେ ୧୧ ବର୍ଷ ପର୍ଯ୍ୟନ୍ତ ଖୀଦ୍‌ମତ କରିବାର ସୌଭାଗ୍ୟ ପାଇଲେ । ମର୍‌ହୁମ୍ ମୁସୀ ଥିଲେ, ତାଙ୍କ ଅନ୍ତେ ତାଙ୍କ ମାଆ, ତାଙ୍କ ପତ୍ନୀ ଏବଂ ଦୁଇଜଣ ପୁତ୍ର ଅଛନ୍ତି ।

ମର୍‌ହୁମ୍ ଶେଖ୍ ସଇଦ୍ ଅହମଦ୍ ସାହେବ୍ ୨୭ ସେପ୍ଟେମ୍ବର ୨୦୧୫ ମସିହାରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ହଜ୍‌ରତ୍ ଶେଖ୍ ପୀର୍ ମୁହମ୍ମଦ୍ ସାହେବ୍ ସାହାବି ତକ୍‌ତ ହଜାରାଙ୍କ ନାତି ଥିଲେ । ଖିଲାଫତର ଆଜ୍ଞାବହ ଏବଂ ଭକ୍ତିପୂର୍ଣ୍ଣ ଭାବ ତାଙ୍କର ବିଶେଷ ଆଚାରଣ ଥିଲା । ତାଙ୍କର ଜଣେ ପୁତ୍ର ମୁନୀର ଅହମଦ୍ ମୁନଓ୍ୱର ସାହେବ୍ ଅଷ୍ଟ୍ରେଲିଆରେ ମୁବ୍‌ଲିଗ୍ ଅଛନ୍ତି ଏବଂ ଜଣେ ନାତି କମାଲ୍ ଅହମଦ୍ ମଧ୍ୟ ଓ୍ୱାକିଫେ ଜିନ୍ଦେଗୀ ଅଟନ୍ତି ଓ ସେ ମୁବଲିଗ୍ ସିଲ୍‌ସିଲା ଅଛନ୍ତି ।

ନମାଜ ଯନାଜାଃ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ହଲ୍ ଭିତରକୁ ପ୍ରବେଶ କଲେ ସେଠାରେ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳିକୁ ଚାଲିଗଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୫:୩୦ ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପଦାର୍ପଣ କଲେ । ମୁକରମ୍ ଅମୀର ସାହେବ୍ ଜର୍ମାନୀ, ମୋକରମ୍ ଆଡ଼ିସ୍‌ନାଲ ଓ୍ୱକିଲୁଲ୍ ମାଲ୍ ସାହେବ୍ ଲଣ୍ଡନ ଏବଂ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତକାର କରିବାର ସୌଭାଗ୍ୟ ହାସଲ କଲେ । ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ସେମାନେ ବିଭିନ୍ନ ବିଷୟବସ୍ତୁ ସମ୍ବନ୍ଧିୟ ମାର୍ଗଦର୍ଶନ ହାସଲ କଲେ ।

ଏହାପରେ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେସନ୍‌ରେ ୩୨ଟି ଫ୍ୟାମିଲିର ୯୭ଜଣ ସଦସ୍ୟ ଏବଂ ୨୨ଜଣ ବ୍ୟକ୍ତିଗତ ରୂପେ ଏହିପରି ମୋଟ ୧୧୯ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ସମସ୍ତ ସଦସ୍ୟମାନେ ଓ ଫ୍ୟାମିଲିଗୁଡ଼ିକ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଅଳ୍ପ ବୟସର କୁନୀ କୁନୀ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ କରିଥିବା ଏହି ଫ୍ୟାମିଲିଗୁଡ଼ିକ ଫ୍ରାଙ୍କଫ୍ରଟ ଯମାତ୍‌ର ବିଭିନ୍ନ ହଲ୍‌କା ବ୍ୟତିତ ଜର୍ମାନୀର ୨୭ଟି ଯମାତ୍‌ରୁ ଆସଥିଲେ । ଓ କେତେକ ଫ୍ୟାମିଲି ବହୁତ ଦୁରରୁ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ବିଶେଷରୂପେ ଏମ୍‌ବର୍ଗରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ୫୫୦ କିମି ରାସ୍ତା ଅତିକ୍ରମ କରି ଆସିଥିଲେ ।

ଏତଦ୍‌ବ୍ୟତିତ ପାକିସ୍ତାନରୁ ଆସିଥିବା ଦୁଇଜଣ ସଦସ୍ୟ ଏବଂ ସିରିଆ ଦେଶରୁ ଜର୍ମାନୀ ଆସିଥିବା ଆଠଟି ଅହେମଦୀ ଫ୍ୟାମିଲି ଓ ପାଂଚଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତକାର ର ଏହି ପ୍ରୋଗ୍ରାମ ୮:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମୋକରମ୍ ଶେଖ୍ ମୁହମ୍ମଦ ୟାକୁବ୍ ସାହେବ୍ (ଯମାତ୍ Russelsheim)ଙ୍କ ନମାଜ ଯନାଜାଃ ହାଜିର୍ ପଢ଼ାଇଲେ । ମର୍‌ହୁମ୍ ୧୮ ଅକ୍ଟୋବର ଦିନ ୬୯ ବର୍ଷ ବୟସରେ ଦେହ ତ୍ୟାଗ କଲେ । ମର୍‌ହୁମ୍‌ଙ୍କ ବାପା ମୋକରମ୍ ମିଆଁ ଫଜଲ୍ ଦୀନ୍ ସାହେବ୍ ଦର୍‌ଓ୍ୱେଶ୍ କାଦିୟାନ ନିବାସୀ ଥିଲେ । ମର୍‌ହୁମ୍ ମୁସୀ ଥିଲେ । ସେ ୧୯୮୪ ମସିହାରରେ ଜର୍ମାନୀ ଆସିଥିଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ୬ଟି ନିକାହ୍‌ର ଏଲାନ୍ କଲେ ।

**ନିକାହ୍‌ଗୁଡ଼ିକର ଏଲାନ୍ (ଘୋଷଣା)**

ହଜୁର ଅନଓ୍ୱର ଅ:ବ:ଅ ତଶ୍‌ହୁଦ୍, ତଉଜ, ତସ୍‌ମିଆ ଏବଂ ଖୁତ୍‌ବା ନିକାହ୍‌ର ଆୟତ ଗୁଡ଼ିକ ପାଠ କରିବାପରେ କହିଲେ: ଏହା ସର୍ବଦା ମନେରଖିବା ଉଚିତ ଯେ, ନିକାହ୍ ଓ ବିଭାଘର କେବଳ ଗୋଟିଏ ବନ୍ଧନ ନୁହେଁ, ଗୋଟିଏ ମିଳାମିଶା ନୁହେଁ ବରଂ ଏହା ଗୋଟିଏ ବହୁତ ବଡ଼ ଦାୟିତ୍ୱ ଅଟେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ, ପୁରୁଷଙ୍କୁ ମଧ୍ୟ ଓ ମହିଳାମାନଙ୍କୁ ମଧ୍ୟ ଏବଂ ପୁଅ ଓ ଝିଅମାନଙ୍କୁ ମଧ୍ୟ ନିଜର ଏହି ଦାୟିତ୍ୱ / କର୍ତବ୍ୟକୁ ବୁଝିବା ଉଚିତ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏକଥା ମଧ୍ୟ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତିକୁ ଏକଥା ଜଣାଥାଏ କି, ଜଣେ ସ୍ୱାମୀଙ୍କର ନିଜ ସ୍ତ୍ରୀଙ୍କ ପ୍ରତି କଣ କଣ ସବୁ କର୍ତବ୍ୟ ରହିଛି ଓ ସେଗୁଡ଼ିକୁ ନିର୍ବାହ ନ କରିବା ଯୋଗୁଁ କେତେ ପାପ ହୋଇଥାଏ ବୋଲି । ତେବେ ବୋଧ ହୁଏ ସେ, କେବେ ବିବାହ କରିବ ନାହିଁ । ସୁତରାଂ ପୁଅମାନଙ୍କୁ ସର୍ବଦା ମନେରଖିବା ଉଚିତ ଯେ, ବିବାହ ହେଉଛି ଏକ ଦାୟିତ୍ୱ ଯାହା ସେମାନଙ୍କୁ ନିର୍ବାହ କରିବାକୁ ପଡ଼ିବ । ତେଣୁ ଅଲ୍ଲାଃ ତାଲା ବାରଂବାର ନିକାହ୍‌ର ଖୁତ୍‌ବାରେ ତକ୍‌ଓ୍ୱା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଓ ପୁଣି ସେହି ଆୟତଗୁଡ଼ିକ ମଧ୍ୟରୁ ଯେଉଁ ଶେଷ ଆୟତଟି ପାଠ କରାଯାଉଅଛି । ସେଥିରେ ଏଥିପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇଅଛି ଯେ, ନିଜର ଆସନ୍ତା କାଲି ପ୍ରତି ଧ୍ୟାନ ଦିଅ । ଏହା ଦେଖ ଯେ, ତୁମ ନିଜର କର୍ମ କିପରି ଅଛି । ତୁମେ ପରକାଳରେ ଏହାର କିପ୍ରକାରର ଫଳ ପାଇବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଦ୍ୱିତୀୟ କଥା ହେଉଛି ଏହା କି, ନିଜ ସନ୍ତାନମାନଙ୍କର ଏପରି ତର୍‌ବିୟତ କର ଯେ, ସେମାନେ ତୁମ ଆସନ୍ତା କାଲି ପାଇଁ ବାବର୍‌କତ୍ ହୁଅନ୍ତୁ । ତୁମପାଇଁ ପ୍ରାର୍ଥନା କରିବାବାଲା ହୁଅନ୍ତୁ । ଏହା ଏପରି ସ୍ଥଳେ ହୋଇପାରିବ ଯେତେବେଳେ ପୁଅ ଏବଂ ଝିଅ, ମାଆ ଏବଂ ବାପା ଦୁଇଜଣ ଯାକ ପୂଣ୍ୟ ଉପରେ ପ୍ରତିଷ୍ଠିତ ରହିବେ, ତକ୍‌ଓ୍ୱା ଉପରେ ପ୍ରତିଷ୍ଠିତ ରହିବେ, ଜଣେ ଅନ୍ୟଜଣକର କର୍ତବ୍ୟକୁ ନିର୍ବାହ କରୁଥିବେ । ପୁଣି ତାଙ୍କ ଠାରୁ ଯେଉଁ ପୂଣ୍ୟ ସନ୍ତାନ ଜନ୍ମ ହେବେ ସେମାନେ ତାଙ୍କର ତର୍‌ବିୟତ କରୁଥିବେ । ଯଦ୍ୱାରା ସନ୍ତାନମାନେ ଆସନ୍ତାକୁ ଦୁଆକାରୀ ହେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସୁତରାଂ ବିଭାଘର ସମୟରେ ଏକଥା ସର୍ବଦା ମନେ ରଖିବା ଉଚିତ ଯେ, ଝିଅ ବହୁତ ଗୁଡ଼ିଏ ଦାୟିତ୍ୱ ଓ କର୍ତବ୍ୟମାନ ରହିଛି । ନିଜ ଘରକୁ ପରିଚାଳିତ କରିବା, ନିଜ ଘରର ଖିଆଲ ରଖିବା ଏବଂ ପିଲାମାନଙ୍କ ପ୍ରଶିକ୍ଷଣ ପ୍ରତି ଧ୍ୟାନ ଦେବା ହେଉଛି ଝିଅ ପିଲାର କର୍ତବ୍ୟ । ଯଦି ମାଆଙ୍କ ପାଦତଳେ ବୈକୁଣ୍ଠ ରଖାଯାଇଅଛି ତେବେ ତାହା ଏଥିପାଇଁ ଯେ, ସେ ପୂଣ୍ୟ ତର୍‌ବିୟତ କରନ୍ତୁ ଓ ପିଲାମାନଙ୍କୁ ବୈକୁଣ୍ଠର ଉତରାଧିକାରୀ ବନାନ୍ତୁ ଓ ଏହି ଦୃଷ୍ଟିକୋଣରୁ ସେ ନିଜେ ମଧ୍ୟ ବୈକୁଣ୍ଠରେ ପ୍ରବେଶ କରିପାରିବେ ତେଣୁ ଉଭୟ ପକ୍ଷ ଯେତେବେଳେ ବିବାହ କରୁଥାନ୍ତି ସେତେବେଳେ ଏକଥାକୁ ସର୍ବଦା ଆଖିଆଗରେ ରଖିବା ଉଚିତ ଯେ, ଏହି ଦାୟିତ୍ୱ ହେଉଛି ବହୁତ ବଡ଼ ଦାୟିତ୍ୱ ଯାହାକୁ ଆପୋଷରେ ଜଣେ ଅନ୍ୟଜଣକ ପାଇଁ ନିର୍ବାହ କରିବାକୁ ହୋଇଥାଏ । ପୁଣି ଏ ସନ୍ଦର୍ଭରେ ନିଜ ପିଲାମାନଙ୍କୁ ମଧ୍ୟ ନିର୍ବାହ କରିବାକୁ ହୋଇଥାଏ । ସେମାନଙ୍କୁ ମଧ୍ୟ ଖୁଦାତାଲାଙ୍କ ସହିତ ଯୋଡ଼ି କରି ରଖିବାକୁ ହେବ ଓ ତାହାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବାବାଲା ଓ ତାହାଙ୍କ ଶିକ୍ଷା ଉପରେ ପରିଚାଳିତ ହେବାବାଲା କରିବାକୁ ହେବ ଯଦ୍ୱାରା ଆପଣଙ୍କ ସନ୍ତାନମାନେ ପୂଣ୍ୟ ଅର୍ଜନ କରିବାବାଲା ହେବେ ଏବଂ ନିଜର ପରକାଳକୁ ମଧ୍ୟ ସଜାଡ଼ିବାବାଲା ହେବେ ଓ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବାବାଲା ମଧ୍ୟ ହେବେ । ଅଲ୍ଲାଃ କରନ୍ତୁ ଯେ, ଆଜି ଯେଉଁ ଏହି ବନ୍ଧନ ପ୍ରତିଷ୍ଠା ହେଉଅଛି । ଏମାନେ ଏହି କଥାଗୁଡ଼ିକୁ ଖିଆଲ୍ ରଖନ୍ତୁ ।

ଖୁତ୍‌ବା ନିକାହ୍ ପରେ ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ଛଅ ଗୋଟି ନିକାହ୍‌ର ଘୋଷଣା କଲେ ।

୧. ଅଜିଜା ରଖ୍‌ସନ୍ଦାଗୁଲ୍ ସୁପୁତ୍ରି ମୋକରମ୍ ଗୁଲାମ୍ ସର୍‌ଓ୍ୱର୍ ଗୁଲ୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ମେହ୍‌ମୁଦ୍ ଅହମଦ୍ ମଲହି ସାହେବ୍

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan